


୩।୩।୨୦୨୪

| | |
|---|---|
| ୩,୪୧,୩୭୮ ଟଙ୍କା | |
| ସୁନା | ୦୧.୫୦୦ ଗ୍ରାମ୍ |
| ରୁପା | ୭୧.୧୦୦ ଗ୍ରାମ୍ |

କଟକ ବାର୍ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

## ‘ନିମ୍ନ ଅଦାଲତର ବିଚାର ଗୁରୁତ୍ୱପୂର୍ଣ୍ଣ’

କଟକ,୩।୩ (କାର୍ତ୍ତିକ ସାହୁ)- ନିମ୍ନ ଅଦାଲତଙ୍କ ରାୟ ହାଇକୋର୍ଟରେ କାଏମ ରହିଲେ ନିମ୍ନ ଅଦାଲତରେ ମାମଲା ଠିକ୍ ଭାବେ ପରିଚାଳିତ ହେଉଛି ବୋଲି ଜଣାଯାଏ। ଏହା ହେଉଛି ଭାରତୀୟ ନ୍ୟାୟପାଳିକାର ବିଶେଷତ୍ୱ। ନ୍ୟାୟିକ ବ୍ୟବସ୍ଥାରେ ନିମ୍ନ ଅଦାଲତର ବିଚାର ଗୁରୁତ୍ୱପୂର୍ଣ୍ଣ। ତେବେ ନିମ୍ନ ଅଦାଲତରେ ମାମଲାଗୁଡିକ ଠିକ୍ ଭାବେ ପରିଚାଳନା ପାଇଁ ଆଇନଜୀବୀମାନେ ଧ୍ୟାନ ଦେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟର ବିଚାରପତି ସଞ୍ଜୟ କାରୋଲ୍ ମତବ୍ୟକ୍ତ କରିଛନ୍ତି।

କଟକ ବାର୍ ଆସୋସିଏଶନ୍ ପରିସରରେ ରବିବାର ଆସୋସିଏଶନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚୌଧୁରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ କାରୋଲ୍ ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ ନିମ୍ନ ଅଦାଲତର ବିଚାରପତିମାନେ ସେମାନଙ୍କର ଭୂମିକା ସମ୍ପାଦନ କରିବା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ହାଇକୋର୍ଟ ବିଚାରପତି ସଙ୍ଗମ ସାହୁ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଭି. ନରସିଂହ, ବାର୍‌ର ବରିଷ୍ଠ ସଦସ୍ୟ ଭକ୍ତହରି ମହାନ୍ତି, ଦର୍ପହରି ଧଳ, ଅକ୍ଷୟ କାନୁନ୍‌ଗୋ, ନାରାୟଣ ପରିଜାଙ୍କୁ ଆସୋସିଏଶନ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ କୁମାର ପରିଜା, ଆସୋସିଏଶନ୍ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ଆସୋସିଏଶନ୍ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ନିତ୍ୟାନନ୍ଦ ବେହୁରିଆ ଧନ୍ୟବାଦ ଦେଇଥିଲେ।

## କୋଣାର୍କ ଲୋକକଳା ମହୋତ୍ସବ

କୋଣାର୍କ,୩।୩(ଜ୍ୟୋତିରାଜ ମହାନ୍ତି):

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ କୋଣାର୍କ ଏନ୍ଏସି କଲ୍ୟାଣମଣ୍ଡପଠାରେ କୋଣାର୍କ ଲୋକକଳା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଏବଂ ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଏହା ଆୟୋଜିତ ହେଉଛି। ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ତ୍ରିଲୋଚନ ବରାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଶଶୀଧର ପଣ୍ଡା, ବ୍ୟଙ୍ଗକବି ସମ୍ପଦ କୁମାର ରଥ, ଓଡ଼ିଶୀ ନୃତ୍ୟ ଗୁରୁ ଶଙ୍କର୍ଷଣ ପାତ୍ର, ଡୁଡୁନ ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ବନ୍ଦନା ହରିଚନ୍ଦନ, ସାହିତ୍ୟିକ ତଥା ଉପଦେଷ୍ଟା ନବ କିଶୋର ଦାସ, ସାମାଜିକ କର୍ମୀ ବନ୍ଦନା ହରିଚନ୍ଦନ, ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ସମ୍ପାଦକ ବସନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଓଡ଼ିଶାର ପ୍ରାୟ ୧୨ଟି ଜିଲାର ୨ଶହରୁ ଅଧିକ କଳାକାର ଯୋଗଦେଇଥିଲେ।

# ମାସେ ହେଲା ବିଏମ୍‌ସି ଆଗରେ ଦିବ୍ୟାଙ୍ଗ ଉଠାଦୋକାନୀ

ଭୁବନେଶ୍ୱର, ୩।୩ (ବନ୍ଦନା ସେଠୀ)



ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ବ୍ୟବସାୟୀମାନେ ବିକ୍ଷୋଭ କରୁଛନ୍ତି।

ଭେଣ୍ଡିଂଜୋନ୍ ଦାବିରେ ବିଏମ୍‌ସି ମୁଖ୍ୟାଳୟ ଆଗରେ ଦୃଷ୍ଟିହୀନ ବ୍ୟବସାୟୀମାନେ ମାସେରୁ ଊର୍ଦ୍ଧ୍ୱ ହେବ ଧାରଣା ଦେଇଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କ ଦୁଃଖ ଶୁଣୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥିତିରେ ଦିବ୍ୟାଙ୍ଗଙ୍କ ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଦେବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତୁରନ୍ତ ଭେଣ୍ଡିଂଜୋନ୍ ଯୋଗାଇ ଦେବାକୁ ଦାବି କରିଛି। ଅପରପକ୍ଷେ ଏହି ଆନ୍ଦୋଳକୁ ଭଣ୍ଡୁର କରିବାକୁ ଜାନୁଆରୀ ୩୦ରେ ବଳ ଲଗାଇ ସମ୍ପୃକ୍ତ ଦୃଷ୍ଟିହୀନ ବ୍ୟବସାୟୀଙ୍କୁ ମାଡ଼ମାରି ଉଠାଇ ନିଆଯିବା ସହ ନିର୍ଯାତନା ଦିଆଯାଇଥିଲା। ଏନେଇ ବ୍ୟବସାୟୀମାନେ ଖାରବେଳନଗର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ଥାନା ସମ୍ମୁଖରେ ଧାରଣା ଦେବାରୁ ମାମଲା ରୁଜୁ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏନେଇ ଦିବ୍ୟାଙ୍ଗ ବ୍ୟବସାୟୀମାନେ ପୁଣିଥରେ ଥାନା ଅଧିକାରୀଙ୍କୁ ଭେଟିଥିଲେ। ଏହାପରେ ଜଟଣୀର କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ସାକ୍ଷାତ କରି ତୁରନ୍ତ ଭେଣ୍ଡିଂ ଜୋନ୍ ଯୋଗାଇ ଦେବାକୁ କହିଥିଲେ। ତେବେ ନୂଆକରି ଯୋଗ ଦେଇଥିବାରୁ ଘଟଣା ସମ୍ପର୍କରେ ସେ ବିଶେଷ କିଛି ଜାଣିନାହାନ୍ତି ବୋଲି କହିବା ସହ ପୁଣିଥରେ ସ୍ମାରକପତ୍ର ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଆଇନ ଅନୁସାରେ ଶୀଘ୍ର ଭେଣ୍ଡିଂଜୋନ୍ ଯୋଗାଇ ଦେବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ୨୦ ବର୍ଷରୁ ଦୀର୍ଘ ସମୟ ଧରି ୨୩ଜଣ ଦୃଷ୍ଟିହୀନ ବ୍ୟବସାୟୀ ଉଠାଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର ୨୦୨୨ରେ ସେଠାରୁ ଉଚ୍ଛେଦ ହେବା ପରେ ଏବେ ସେମାନେ ପରିବାର ଚଳାଇବାକୁ ଅସମର୍ଥ ହୋଇ ପଡିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ

### ସମର୍ଥନରେ ବାହାରିଲା କଂଗ୍ରେସ

ଅଭିଯୋଗ ପ୍ରକୋଷ୍ଠ, ମେୟର, ବିଏମ୍‌ସି କମିଶନରଙ୍କୁ ନିଜର ଦୁଃଖ ଜଣାଇବା ପରେ କେବଳ ପ୍ରତିଶ୍ରୁତି ଛଡ଼ା ଅନ୍ୟ କିଛି ମିଳୁନାହିଁ। ବିଏମ୍‌ସି ସେମାନଙ୍କୁ ଭେଣ୍ଡିଂ ଜୋନ୍ ଦେବାରେ ଅସମର୍ଥତା ପ୍ରକାଶ କରୁଛି। ଫଳରେ ବ୍ୟବସାୟୀମାନେ ବିଏମ୍‌ସି ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଉଛନ୍ତି। ଏବେ ୨୩ଜଣ ଦୃଷ୍ଟିହୀନ ଦିବ୍ୟାଙ୍ଗ ପାଳିକରି ଦିନରାତି ୨୪ ଘଣ୍ଟା ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି। ଘଟଣାନେଇ ଅନ୍ତର୍ଜାତୀୟ ମାନବାଧିକାର ପ୍ରୋଟେକ୍ସନ କାଉନ୍‌ସିଲର ଆରତୀ ମହଲା କହିଛନ୍ତି, ମାର୍କେଟ ବିଲ୍ଡିଂରୁ ଉଠିବା ପରେ ବିଏମ୍‌ସି ସହରର କୌଣସି ବି ସ୍ଥାନରେ ସେମାନଙ୍କୁ ଭେଣ୍ଡିଂ ଜୋନ ଯୋଗାଇ ଦେଉ ବୋଲି ଦାବି ହୋଇଥିଲା। ମାତ୍ର ସେମାନଙ୍କ ଦାବି ବିଏମ୍‌ସି କର୍ତ୍ତୃପକ୍ଷ ଶୁଣୁନାହାନ୍ତି। ତେଣୁ ବାଧ୍ୟହୋଇ ହୋଇ ଦିବ୍ୟାଙ୍ଗମାନେ ଆନ୍ଦୋଳନ ଚଳାଇଛନ୍ତି।

## ବଦଳିଲା ମାମାର ଠିକଣା



ବାରଙ୍ଗ,୩।୩(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ହାତୀ ମାମାର ଠିକଣା ବଦଳିଯାଇଛି। ରବିବାର ମାମାକୁ ଚନ୍ଦକା କୁମାର ଖୁଣ୍ଟିକୁ ପଠାଯାଇଛି। ସକାଳେ ନନ୍ଦନକାନନର ମାହୁନ୍ତମାନେ ମାମାକୁ ଚନ୍ଦକା କୁମାର ଖୁଣ୍ଟିରେ ନେଇ ଛାଡ଼ି ଆସିଛନ୍ତି। କୁମାର ଖୁଣ୍ଟିଠାରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଥିବା କୁମ୍‌କି ପ୍ରଶିକ୍ଷଣରେ ମାମା ପ୍ରଶିକ୍ଷଣ ନେଇ ଜଙ୍ଗଲ ଜଗିବା କାର୍ଯ୍ୟରେ ନିୟୋଜିତ ହେବ। ମା’ ଛେଉଣ୍ଡ ମାମାକୁ ୨୦୧୭ ନଭେମ୍ବର ୩ରେ ଖୋର୍ଦ୍ଧା ରାମେଶ୍ୱରରୁ ଉଦ୍ଧାର କରାଯାଇଥିଲା। ସେତେବେଳେ ସେ ୬ ମାସର ହୋଇଥିଲା।


ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ନାଟ୍ୟଧାରାରେ ପରିବେଷିତ ନାଟକ ‘ଭାବ୍ ନୁ ଅଭାବ’ର ଏକ ଦୃଶ୍ୟ।

## ଦେବୀ ପ୍ରସାଦ ପରିଡ଼ାଙ୍କୁ ଶ୍ରୀକ୍ଷେତ୍ର ଶ୍ରୀ ମୁକୁଟ

ପୁରୀ, ୩।୩(ଅଜିତ ମହାନ୍ତି):

ଶ୍ରୀକ୍ଷେତ୍ର ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକ୍ଷେତ୍ରଶ୍ରୀ ଓ ଚନ୍ଦନ ହଜୁରୀଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୫୦ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଦେବୀ ପ୍ରସାଦ ପରିଡ଼ା ଶ୍ରୀକ୍ଷେତ୍ର ଶ୍ରୀ, ସୌମ୍ୟ ରଞ୍ଜନ ଦାଶ ଚନ୍ଦନ ହଜୁରୀ ଶ୍ରୀ, କଲ୍ୟାଣୀ ଦାସ ମିସ୍ ଚନ୍ଦନ ହଜୁରୀ ମୁକୁଟ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସେବାୟତ ଭଗବାନ ଖୁଣ୍ଟିଆ, ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜଙ୍କ ପକ୍ଷରୁ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ସଭାପତି ମଧୁସ୍ମିତା ରଥ ଓ ରାଜ୍ୟ କୋଷାଧ୍ୟକ୍ଷ ନୀଳକଣ୍ଠ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାମ୍ର ହାଟରେ ଖୋଲିଲା ଓଡ଼ିଆ ମହୋତ୍ସବ ସମ୍ପର୍କ କେନ୍ଦ୍ର

ଭୁବନେଶ୍ୱର,୩।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ଦିବସରୁ ଆରମ୍ଭ ହେଉଥିବା ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ୨୦୨୪ ପରିପ୍ରେକ୍ଷୀରେ ସଂଭାବନା ପକ୍ଷରୁ ସାନ୍ଧ୍ୟକାଳୀନ ସଂପର୍କ କେନ୍ଦ୍ର ଏକାମ୍ର ହାଟଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ପାଦକ ଦେବ ପ୍ରସାଦ ପରିଜା କହିଲେ, ଏହା ଦ୍ୱାରା ଓଡ଼ିଆ ଭାଷା,ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ଚାଲିଥିବା ଅଭିଯାନ ଅଧିକ ପ୍ରସାରିତ ହେବ। କାର୍ଯ୍ୟକ୍ରମରେ ଇତିହାସକାର ଡ.ଅମୀୟ କୁମାର ମହାନ୍ତି, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ଡ. ଗଗନ ବିହାରୀ ରାଉତ,ପ୍ରଫୁଲ୍ଲ ଦେ,ଓଡ଼ିଶୀ ନୃତ୍ୟଶିଳ୍ପୀ ଅଭିପ୍ସା ଭଞ୍ଜ, ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଟ୍ରଷ୍ଟି ସ୍ମୃତି ମହାନ୍ତି, ଯୁଗ୍ମ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ଏହି ସମ୍ପର୍କ କେନ୍ଦ୍ରରେ କବିତା ପାଠ, ଗଳ୍ପ ଆସର, ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଉପରେ ଆଲୋଚନା ହେବ ବୋଲି ସଂଭାବନା ପକ୍ଷରୁ ସୂଚନା ଦିଆଯାଇଛି।

## ଭାଷା, ସଂସ୍କୃତିର ସମୃଦ୍ଧିରେ ‘ଚଲାପଥ’ର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଗୌରଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୩।୩ (ବନ୍ଦନା ସେଠୀ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି କ୍ଷେତ୍ରରେ ‘ଚଲାପଥ’ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣିଷ ଜୀବନର ଅନ୍ତଃସ୍ୱରକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହେବା ଉଚିତ ବୋଲି ବିଶିଷ୍ଟ କବି ତଥା ସିବିଆଇର ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ କହିଛନ୍ତି। ‘ଚଲାପଥ’ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ ଅବସରରେ ରବିବାର ବୁଦ୍ଧମନ୍ଦିରରେ ଆୟୋଜିତ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ବିଚାରପତି ରାଉତ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ବାଙ୍ଗାଲୋରର ନ୍ୟୁରୋସର୍ଜନ ଡା. ପ୍ରତାପ ପାଣି, ଲୋକ ସମ୍ପର୍କ ବିଭାଗର ଗୌରଚନ୍ଦ୍ର ମହାପାତ୍ର, ଚଲାପଥର ପ୍ରତିଷ୍ଠାତା ସଭାପତି ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ, ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର, ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଉତଙ୍କ କବିତା ସଂକଳନ ‘ସବୁଜ ବଳୟ’କୁ ମୁଖ୍ୟ ଅତିଥି ଡା. ପାଣି ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଶ୍ୱଓଡ଼ିଆ ଭାଷା ସମ୍ମିଳନୀର ଅନୁଶୀଳନ ଶୀର୍ଷକ ଏକ ଆଲୋଚନାଚକ୍ର ଓ ପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୮ଜଣଙ୍କୁ ‘ଚଲାପଥ ସମ୍ମାନ’ ପ୍ରଦାନ କରାଯାଇଥିଲା।

# ବିଏମ୍‌ସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଦେଖିଲେ ୧୭ ଆଇଏଏସ୍ ଅଫିସର

ଭୁବନେଶ୍ୱର, ୩।୩ (ବନ୍ଦନା ସେଠୀ)


ଷ୍ଟଡି ଟୁର୍‌ରେ ଆସିଥିବା ଆଇଏଏସ୍ ଅଫିସରମାନେ ବିଏମ୍‌ସି ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ଅନ୍ୟ ରାଜ୍ୟ ପାଇଁ ରୋଲ୍ ମଡେଲ ହୋଇଛି। ନିକଟରେ କେରଳ, ଆସାମ ଆଦି ରାଜ୍ୟର ବିଭିନ୍ନ ମହାନଗର ନିଗମକୁ ନିର୍ବାଚିତ ପ୍ରତିନିଧିଙ୍କ ସହ ବରିଷ୍ଠ ଅଧିକାରୀମାନେ ଏଠାକୁ ଆସି ବିଏମ୍‌ସି କାର୍ଯ୍ୟପ୍ରଣାଳୀ ଦେଖି ପ୍ରଶଂସା କରିଥିଲେ। ଏବେ ମସୁରୀସ୍ଥିତ ଭାରତ ସରକାରଙ୍କ ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍‌ର ୧୭ଜଣ ଆଇଏଏସ୍ ଅଫିସର ଷ୍ଟଡିଟୁର୍‌ରେ ଭୁବନେଶ୍ୱର ଆସିଛନ୍ତି। ବିଭିନ୍ନ ବିଭାଗର ଏହି ଅଧିକାରୀମାନେ ବିଏମ୍‌ସି ଅଞ୍ଚଳରେ ହୋଇଥିବା ରୂପାନ୍ତରୀକରଣ କାମ ବୁଲି ଦେଖିଥିଲେ। ଜାଗା ମିଶନ, ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଏବଂ ରୂପାନ୍ତରୀକରଣ କାମ ବୁଲି ଦେଖିଥିଲେ। ସେହିଭଳି ବିଭିନ୍ନ ପାର୍କ, ଖେଳପଡିଆ, କଞ୍ଜିରଭେନ୍ସି ଲେନ୍, ଚଲାପଥ, ଟଏଲେଟ୍, ମୁକ୍ତାକାଶ ଜିମ୍ ଆଦି ବିଭିନ୍ନ ଉନ୍ନୟନମୂଳକ କାମ ଦେଖିବା ସହ ମା’ ମଙ୍ଗଳା ବିଜୁ ଆଦର୍ଶ କଲୋନୀ ଯାଇ ସେଠାରେ ରୂପାନ୍ତରୀକରଣରେ ହୋଇଥିବା ବିଭିନ୍ନ କାମ ଦେଖିଥିଲେ। ଏଥିସହ ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ। ପରେ ସେମାନେ ୨୪ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବ୍ୟବସ୍ଥା ଦେଖିଥିଲେ। ସୋମବାର ସେମାନେ ପୁରୀ ଯାଇ ୫-ଟି ଅଧୀନରେ ହୋଇଥିବା ଶ୍ରୀକ୍ଷେତ୍ର ପରିକ୍ରମା ପକଳ୍ପ ଦେଖିବା ସହ ଜଗନ୍ନାଥ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ଅରବିନ୍ଦ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ


ଉତ୍ସବରେ ବିଧାୟକ ସୁଶାନ୍ତ ରାଉତଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୩।୩ (ବନ୍ଦନା ସେଠୀ)

ଜୟଦେବ ବିହାର ସ୍ୱାଧୀନନଗରସ୍ଥିତ ଅରବିନ୍ଦ ଜ୍ଞାନ ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ରାଉତ, ମୁଖ୍ୟ ବକ୍ତା ଭାବେ ଇଂ ସୁବାସ ଚନ୍ଦ୍ର କର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ମେୟର ସୁଲୋଚନା ଦାସ, ଶିକ୍ଷାବିତ୍ ଜୟଶ୍ରୀମାଳା ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରତିମା ତ୍ରିପାଠୀ ବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ମହେଶ୍ୱର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ରାଉତ ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେଲ ଭିତରକୁ ନିଶାଦ୍ରବ୍ୟ ପ୍ରବେଶ ନେଇ ତନାଘନା

ଭୁବନେଶ୍ୱର,୩।୩
(ସୂର୍ଯ୍ୟକାନ୍ତ ବେହେରା)

### କଏଦୀ ରଞ୍ଜନ ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର




ଝାରପଡ଼ା ଜେଲରେ ଥିବା ରଞ୍ଜନ ବେହେରା ନାମକ ଜଣେ କଏଦୀ ଶନିବାର ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଥିବା ଜଣାପଡିଛି। ହସ୍ପିଟାଲର ଏକ ସ୍ୱତନ୍ତ୍ର ୱାର୍ଡରେ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଇତିମଧ୍ୟରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଛି। ସୋମବାର ରିପୋର୍ଟ ଆସିବା ପରେ ଅସୁସ୍ଥତାର ପ୍ରକୃତ କାରଣ ଜଣାପଡିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେ ଅତ୍ୟଧିକ ନିଶା ସେବନ କରି ଗୁରୁତର ହୋଇପଡିଥିବା ନେଇ ଜେଲ୍ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ତନାଘନା ଆରମ୍ଭ ହୋଇଛି। ରବିବାର ଜେଲ କର୍ତ୍ତୃପକ୍ଷ ସମସ୍ତ ସେଲକୁ ଯାଇ ତନାଘନା କରିଛନ୍ତି। ଏହାସହ କଏଦୀମାନଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି। ଜେଲ ମଧ୍ୟକୁ ନିଶାଦ୍ରବ୍ୟ କିଭଳି ଗଲା ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ନିଶା ସେବନ କରି କଏଦୀ ଜଣକ ଅସୁସ୍ଥ ହୋଇପଡିଥିବା କଥାକୁ ଜେଲ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି। ଅନ୍ୟ କୌଣସି କାରଣରୁ ରଞ୍ଜନଙ୍କ ଦେହ ଖରାପ ହୋଇଥିବା ସଫେଇ ଦେଇଛନ୍ତି। ହେଲେ କେତେଜଣ କର୍ମଚାରୀ ନାମ ଗୋପନ ରଖି ଜେଲ ପରିସରକୁ ନିୟମିତ ନିଶାଦ୍ରବ୍ୟ ଯାଉଥିବା କହିଛନ୍ତି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଏତେ ସଂଖ୍ୟକ କଏଦୀଙ୍କୁ ନଜରରେ ରଖିବା ସମ୍ଭବ ହେଉନାହିଁ ବୋଲି ସେମାନେ ମଧ୍ୟ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ମଧ୍ୟ ଝାରପଡ଼ା ଜେଲ୍‌ରୁ ନିଶା ଓ ମାଦକ ଦ୍ରବ୍ୟ ଜବତ ହୋଇଥିବା ନଜିର ରହିଛି। ଏପରିକି ଜେଲ୍ ଭିତରେ କେତେଜଣ ଦୁର୍ଦ୍ଦାନ୍ତ ଅପରାଧୀ ରାଜ୍ କରିବା ସହ ନିଶା ସେବନ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଜେଲ୍ ସୁରକ୍ଷାକୁ ଲୋକଦେଖାଣିଆ ଭାବେ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଏବେ ପୁଣି ଢ଼ିଲା ହୋଇଯାଇଥିବା କୁହାଯାଉଛି।

## ସଂକ୍ଷେପରେ

### ଯୁକ୍ତ ୨ ଛାତ୍ରୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା,୩।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମରେ ଜଣେ ଯୁକ୍ତ ୨ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଛାତ୍ରୀ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ତାଙ୍କ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷା ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୩।୩ (ରଘୁନାଥ ସାହୁ)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାମେଶ୍ୱରର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କୁ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବ୍ୟସିଂହ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟାଙ୍ଗୀ ମଣ୍ଡଳ ସହ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ସୋରଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମନାଭ ଖଟେଇ, ସିଆର୍‌ସିସି ସୁଶାନ୍ତ ମଲ୍ଲିକ, ସମିତିସଭ୍ୟ ରମେଶ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା ସଭା ସଭାପତି ରାକେଶ ତ୍ରିପାଠୀ, ମୋ ସ୍କୁଲ ଅଭିଯାନ ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ପାଚିକା, ମାତୃମଞ୍ଚ, ସ୍ଥାନୀୟ ଜନସାଧାରଣ, ଶିକ୍ଷକ ସଂଘ ଓ ବିଦ୍ୟାଳୟ ପକ୍ଷରୁ ମାନପତ୍ର ସହିତ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଦେବାଶିଷ ରଥ ଧନ୍ୟବାଦ ଦେଇଥିଲେ।

### ବଡ଼ିରିକିଲୋରେ ମିଳିଲା ହରିଣ ମୃତଦେହ

ନିମାପଡ଼ା,୩।୩(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ବ୍ଲକ ବଡ଼ିରିକିଲୋ ଗ୍ରାମ ନିକଟରୁ ରବିବାର ମୃତ ହରିଣ ଜବତ କରାଯାଇଛି। ଏହି ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ବିଳମ୍ବରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ବନ ବିଭାଗର ଏପରି ବିଳମ୍ବରେ ପହଞ୍ଚିବା କେତେ ଦୂର ଯୁକ୍ତି ସଙ୍ଗତ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ହରିଣର ମୃତ୍ୟୁ ବାବଦରେ ବନ ବିଭାଗ ପାଖରେ କିଛି ଉତ୍ତର ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ପ୍ରକୃତି ପ୍ରେମୀମାନେ ଦାବି କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ହରିଣମାନେ ଜନବସତୀମୁହାଁ ହେଉଛନ୍ତି। ଅନେକ ସମୟରେ ବିଭିନ୍ନ କାରଣରୁ ସେମାନଙ୍କ ମୃତ୍ୟୁ ହେଉଛି। ହେଲେ ବନ ବିଭାଗ ଏଭଳି ସ୍ପର୍ଶକାତର ବିଷୟ ପ୍ରତି ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# ଖୋଲିବ ଜଳଛତ୍ର, ମେଡିକାଲରେ ସ୍ୱତନ୍ତ୍ର ୱାର୍ଡ

ଖୋର୍ଦ୍ଧା,୩।୩ (ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

**ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ**

- ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଯାଏ କାମ ବନ୍ଦ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲିବ କଣ୍ଟ୍ରୋଲ ରୁମ୍

ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ନେଇ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ କାରଣ, ନିରାକରଣ ସମ୍ପର୍କରେ ଅଧିକ ସଚେତନତା ଲାଗି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡ ଓ ଜନଗହଳି ସ୍ଥାନରେ ପୋଷ୍ଟର ଲଗାଯିବ। ଜଳକଷ୍ଟ ଦୂର ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆରଡବ୍ଲ୍ୟୁଏସ୍‌ଏସ୍, ୱାଟ୍‌କୋ ନିଜ ନିଜ ସ୍ତରରେ ପାନୀୟଜଳ ବ୍ୟବସ୍ଥା କରିବେ। କେନାଲରେ ପର୍ଯ୍ୟାପ୍ତ ମାତ୍ରାରେ ପାଣି ଛାଡ଼ିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଚଞ୍ଚଳ ରାଣା ପରାମର୍ଶ ଦେଇଛନ୍ତି। ପଞ୍ଚାୟତସ୍ତରରେ ସରପଞ୍ଚ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ବିଶୁଦ୍ଧ ପାନୀୟଜଳ ଲାଗି ଜଳଛତ୍ର ଖୋଲିବେ। ଗୃହହୀନ ଓ ନିରାଶ୍ରୟଙ୍କ ପାଇଁ ଆଶ୍ରୟସ୍ଥଳୀରେ ବ୍ୟବସ୍ଥା କରାଯିବ। ମତ୍ସ୍ୟ ଓ କୃଷି ବିଭାଗ ନିଜ ସ୍ତରରେ ପୋଷ୍ଟର ଲଗାଇ ସଚେତନ କରାଇବେ। ସ୍କୁଲକୁ ଆସୁଥିବା ପିଲାମାନେ ଯେପରି ସାଥିରେ ପାଣିବୋତଲ, ଛତା ଧରି ଆସିବେ, ଏଥିଲାଗି ଜିଲା ଶିକ୍ଷା ଅଧିକାରୀ ସୁନିଶ୍ଚିତ କରିବେ। ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ସକାଳ ୭ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ଜିଲା ସମାଜ ମଙ୍ଗଳ ଅଧିକାରୀ ଗର୍ଭବତୀ ଓ ଶିଶୁଙ୍କ ଯତ୍ନ ନେବା ପାଇଁ ଆଶା, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସୁନିଶ୍ଚିତ କରାଇବେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ ଖରାରେ କାମ ନ କରିବାକୁ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେବ। ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ବିଦ୍ୟୁତ୍ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବାକୁ ବିଦ୍ୟୁତ୍ ବିଭାଗକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଂଶୁଘାତ ଜନିତ ସ୍ୱାସ୍ଥ୍ୟସେବା, ଚିକିତ୍ସା ପାଇଁ ଚିକିତ୍ସାଳୟରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା ରହିବ। ସମସ୍ତ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍, ହାଲୋଜେନ ଟାବ୍‌ଲେଟ ରଖିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଣ୍ଟ୍ରୋଲରୁମ୍ ଖୋଲାଯିବ। ବୈଠକରେ ଜିଲାପାଳ ରାଣା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୩ ମାସ ବିତିଲା, ଦିବ୍ୟାଙ୍ଗଙ୍କୁ ମିଳିଲାନି ଉପକରଣ

ନିରାକାରପୁର,୩।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଦିବ୍ୟାଙ୍ଗମାନଙ୍କ ସାମାଜିକ ବିକାଶ କ୍ଷେତ୍ରରେ କନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆସୁଥିବା ଯୋଜନା ଏବେ ଦିଗହରା ହୋଇପଡ଼ିଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ୨୦୨୩ ନଭେମ୍ବର ୪ରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଟାଙ୍ଗୀ ପ୍ରାଥମିକ ସ୍କୁଲରେ ଆର୍‌ବିଏସକେ ଓ ଏଏଲ୍‌ଆଇଏମକେ ବିଭାଗର ମିଳିତ ସହଯୋଗରେ ଦିବ୍ୟାଙ୍ଗ ସହାୟକ ଉପକରଣ ଚିହ୍ନଟ କର୍ମଶାଳା ହୋଇଥିଲା। ଏହାକୁ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଦୃଷ୍ଟି, ଶ୍ରବଣ ଓ ଚଳନ ବ୍ୟାଧିତ ଦିବ୍ୟାଙ୍ଗ ଯୋଗଦେଇଥିବା ବେଳେ ବିଭିନ୍ନ ବିଭାଗୀୟ ଡାକ୍ତରମାନେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିଥିଲେ। ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ଆବଶ୍ୟକ ଉପକରଣ ଯୋଗାଇଦେବାକୁ କୁହାଯାଇଥିଲା। କର୍ମଶାଳାକୁ ୩ମାସ ବିତିଯାଇଥିଲେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଉପକରଣ ମିଳିପାରି ନାହିଁ, ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଉକ୍ତ କର୍ମଶାଳାରେ ଯୋଗଦେଇଥିବା ଅଧିକାରୀଙ୍କୁ ଉପକରଣ ସମ୍ପର୍କରେ ପଚାରିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ବୋଲି କେତେଜଣ ଅଭିଭାବକ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଟାଙ୍ଗୀ ବ୍ଲକ ଦାୟିତ୍ୱରେ ଥିବା ଆର୍‌ପି ରୋଜାଲିନ ମିଶ୍ର କହିଛନ୍ତି, ବିଭାଗ ପକ୍ଷରୁ ଅର୍ଥ ଆସିଲେ ଦିବ୍ୟାଙ୍ଗମାନଙ୍କୁ ଉପକରଣ ଯୋଗାଇ ଦିଆଯିବ।

# ବାଲିଗାଡ଼ିଆରେ ହାତୀ, ଲୋକେ ଭୟଭୀତ

ନିରାକାରପୁର,୩।୩
(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ରେଞ୍ଜ୍ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ବିଭିନ୍ନ ସମୟରେ ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ରବିବାର ଏକ ଦନ୍ତାହାତୀ ସ୍ଥାନୀୟ ବାଲିଗାଡ଼ିଆ ଗ୍ରାମରେ ପଶି ଆତଙ୍କ ସୃଷ୍ଟି କରିଥିଲା। କେତେଜଣ ଲୋକଙ୍କ ପାଚେରି ଭାଙ୍ଗିବା ସହ ସେଠାରେ ଥିବା ନଡ଼ିଆଗଛ, ଅମୃତଭଣ୍ଡା, କଦଳୀ, ସଜନା ଗଛ ସହ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀ ଯୋଗୁ ଗ୍ରାମର ମୁଖ୍ୟରାସ୍ତାରେ କେହି ଯାତାୟାତ କରୁ ନ ଥିବା ଦେଖିବାକୁ ମିଳିଛି। ଖବରପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ହାତୀଟିକୁ ଘଉଡ଼ାଇବା ସହ ତା'ର ଗତିବିଧି ଉପରେ ନଜର ରଖିଛନ୍ତି ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନାବେଳେ ୫ ଧରାପଡ଼ିଲେ





ଖବରଦାତା ସମ୍ମିଳନୀରେ ଜୋନ୍-୩ ଏସିପି ତାପସ ଚନ୍ଦ୍ର ପ୍ରଧାନ ସୂଚନା ଦେଉଛନ୍ତି। ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର।

ଜଟଣୀ,୩।୩ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରେତଙ୍ଗ କଲୋନୀସ୍ଥିତ କଲ୍ୟାଣମଣ୍ଡପ ପଛପଟେ ଶନିବାର ରାତିରେ ପୋଲିସ ଚଢ଼ାଉ କରି ୫ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଜପତିନଗର ଅଞ୍ଚଳର ପାପୁନି ଓରଫ ସଞ୍ଜୟ ଦାସ(୨୬), ବାପୁ ଓରଫ ସୁଜିତ କୁମାର ବିଶ୍ୱାଳ (୨୭) ଏବଂ ବାଲିଛକ ମୁଣ୍ଡିଆସାହିର ସୟଦ ଫାୟାଜ(୩୦), ଏସ୍.କେ ଆବିଦ(୨୯) ଏବଂ ରାଜାବଜାର ଅଞ୍ଚଳର ସୋହେଲ ଖାନ୍(୨୨)। ଏମାନଙ୍କ ନିକଟରୁ ଲଙ୍କାଗୁଣ୍ଡ ପ୍ୟାକେଟ, ଖଣ୍ଡା, ଛୁରି, ଚାପଡ଼ ଓ ଦୁଇଟି ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୮୭/୨୪)ରୁଜୁ ପରେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରବିବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରର ଜୋନ୍-୩ ଏସିପି ତାପସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଉକ୍ତ କଲ୍ୟାଣମଣ୍ଡପ ପଛପଟେ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଥିଲା। ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ସେମାନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଆଗାମୀ ଦିନରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ପେସାଦାର ଅପରାଧୀଙ୍କ ଗତିବିଧି ଏବଂ ଜେଲଫେରନ୍ତାଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ଏସିପି ପ୍ରଧାନ ସୂଚନା ଦେଇଛନ୍ତି।

# ଟାଙ୍ଗୀ ବ୍ଲକ: ୧୦,୭୮୭ ପିଲା ଖାଇଲେ ପୋଲିଓ ବୁନ୍ଦା

ଟାଙ୍ଗୀ/ନିରାକାରପୁର,୩।୩
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ପୋଲିଓ ଦିବସ ଅବସରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ରବିବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ୫ବର୍ଷ ପର୍ଯ୍ୟନ୍ତ ୧୦,୭୮୭ ଜଣ ପିଲା ପୋଲିଓ ବୁନ୍ଦା ଖାଇଥିବା ଜଣାପଡ଼ିଛି। ୬୨ଟି ବୁଥରେ ୧୦,୫୩୯ ଜଣ, ୩ଟି ସର୍ବସାଧାରଣ ସ୍ଥାନ ନିରାକାରପୁର ରେଳ ଷ୍ଟେଶନ, ରାମେଶ୍ୱର ବସଷ୍ଟାଣ୍ଡ, ମା'ଉଗ୍ରତାରା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧୨ଜଣ, ଦୁଇଟି ଭ୍ରାମ୍ୟମାଣ ବୁଥରେ ୩୬ ଜଣ ପିଲା ପୋଲିଓ ବୁନ୍ଦା ଖାଇଥିଲେ। ୨୪୮ଜଣ ପୁରୁଷ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ବୁଥରେ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ତପନ କୁମାର ମଣ୍ଟୁ, ଝୁମା ରାଣୀ ଚକ୍ରବର୍ତ୍ତୀଙ୍କ ସମେତ ସୁପରଭାଇଜରମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ନନ୍ଦ ସୂଚନା ଦେଇଛନ୍ତି।

# ଭାଜପାର ଜନସମ୍ପର୍କ ପଦଯାତ୍ରା



ଟାଙ୍ଗୀ/ନିରାକାରପୁର,୩।୩
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ମଣ୍ଡଳ ଟାଙ୍କୋଳ ପଞ୍ଚାୟତରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଭାଜପାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲ୍‌ଟାସିଂହ, ହାଇକୋର୍ଟ ଅଧିବକ୍ତା ସତ୍ୟବାନ୍ ଶ୍ରୀଚନ୍ଦନ, ଖୋର୍ଦ୍ଧା ନଗର ସମ୍ପାଦିକା ସୁଚିସ୍ମିତା ମିଶ୍ର ବଡ଼ଜେନା, ଦକ୍ଷିଣ ମଣ୍ଡଳ ପୂର୍ବତନ ଜିଲା ପରିଷଦ ପ୍ରଦ୍ୟୁମ୍ନ ହରିଚନ୍ଦନ, ଟାଙ୍କୋଳର ବରିଷ୍ଠ ସମାଜସେବୀ ରବି ନାରାୟଣ ମିଶ୍ର, ଲେଣ୍ଡୋର ପୂର୍ବତନ ସମିତିସଭ୍ୟ ନକୁଳ ହରିଚନ୍ଦନ, ବଡ଼ପୋଖରିଆ ଯୁବ ମୋର୍ଚ୍ଚା ସଭାପତି ଗଙ୍ଗାଧର ଚମ୍ପତି, ଟାଙ୍କୋଳ ପଞ୍ଚାୟତର ସମାଜସେବୀ ଦିଲୀପ କୁମାର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ। ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଆଶିଷ କୁମାର ବରିସଲ ଧନ୍ୟବାଦ ଦେଇଥିଲେ।

# ବୋମାମାଡ଼ ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଜଟଣୀ,୩।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମରେ ଶୁକ୍ରବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ପୂର୍ବରୁ ୩ଜଣଙ୍କୁ ଗିରଫ କରିଥିବା ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମ ଟାଙ୍ଗୀ ସାହିର ଇର୍ଷାଦ ଓରଫ କୁନୁ(୨୫)। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ନୂଆ ମସଜିଦ ସାହିର କେତେଜଣ ଯୁବକ ତ କୁ କ୍ରିକେଟ ଖେଳ ଦେଖିବା ପାଇଁ ଯାଇଥିଲେ। ପୂର୍ବଶତ୍ରୁତାକୁ ନେଇ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତମାନେ ନୂଆ ମସଜିଦ ସାହିର ଯୁବକମାନଙ୍କୁ ଗାଳିଗୁଲଜ କରିଥିଲେ। ଯାହା ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହା ପରେ ସେମାନେ ଗ୍ରାମକୁ ଫେରି ଆସିଥିଲେ। ପରେ ରାତିରେ ଅଭିଯୁକ୍ତମାନେ ନୂଆ ମସଜିଦ ସାହିକୁ ଯାଇ ମହମ୍ମଦ ସୁଫିୟାନଙ୍କ ଘର ନିକଟରେ ବୋମାମାଡ଼ କରିଥିଲେ। ଏଥିରେ ୨ ଜଣ ଆହତ ହୋଇଥିଲେ। ସୁଫିୟାନଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

# ବିଜେଡିର ସାଙ୍ଗଠନିକ ବୈଠକ

ଟାଙ୍ଗୀ/ନିରାକାରପୁର,୩।୩
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ (ବିଜେଡି)ର ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ପ୍ରତି ପଞ୍ଚାୟତ ଭଳି ମଙ୍ଗଳାଯୋଡ଼ି ପଞ୍ଚାୟତର ବଳି ମାଝୀଙ୍କ ପୀଠରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ଏବଂ ଚେତନା ଯୋଗୁ ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ, ପୀଡ଼ିତ ରୋଗୀ, ଅସହାୟ ବ୍ୟକ୍ତିଙ୍କୁ ନିଜସ୍ୱ ବ୍ୟକ୍ତିଗତ ପାଣ୍ଠିରୁ ସହଯୋଗର ହାତ ବଢ଼ାଇ ସେମାନଙ୍କ ସୁଖଦୁଃଖରେ ନିଜକୁ ସାମିଲ କରୁଥିବା ମହାପାତ୍ରଙ୍କ ନେତୃତ୍ୱ ପଛରେ ସମସ୍ତେ ସଙ୍ଗଠିତ ହେବା ପାଇଁ ଶପଥ ଗ୍ରହଣ କରିଥିଲେ।



ବୈଠକରେ ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର ଏବଂ କର୍ମୀମାନେ।

# ରଘୁନାଥ କ୍ଲବ ଟାଙ୍ଗୀ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ଟାଙ୍ଗୀ,୩।୩ (ରଘୁନାଥ ସାହୁ)

**ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବଡ଼ପାରୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଟାଙ୍ଗୀର ରଘୁନାଥ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ରଘୁନାଥ କ୍ଲବ ଓ ଖୋର୍ଦ୍ଧା-୭୨ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୧ ଗୋଲରେ ରଘୁନାଥ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ରାଜକିଶୋର ସାହୁ ଓ କୃଷ୍ଣଚନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସଭାପତି ରମାକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ମୁଖ୍ୟବକ୍ତା ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ସମ୍ମାନିତ ଅତିଥି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ, ସମାଜସେବୀ ମାନସ ରଞ୍ଜନ ସ୍ୱାଇଁ, ପ୍ୟାରୀମୋହନ ମହାପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ଅକ୍ଷୟ କୁମାର ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟି ଉପଦେଷ୍ଟା ବିଚ୍ଛନ୍ଦ ଜୟସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ନନ୍ଦକିଶୋର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ଭବାନୀ ଶଙ୍କର ଦାସ, ଅମୂଲ୍ୟ ବିଶ୍ୱାଳ, ପ୍ରଭାକର ଭୁଜବଳ, ଶିବପ୍ରସାଦ ବେହେରା, ବିକ୍ରମ ବାଘ ସିଂଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ: ଅତ୍ରି ବିଜୟୀ

ଖୋର୍ଦ୍ଧା,୩।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ପାନବରଜଠାରେ କଳିଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କ୍ରିକେଟ କପ୍-୨୦୨୪ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ନରୋତ୍ତମ କହଲସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ଖେଳପଡ଼ିଆରେ ଉଦ୍‌ଘାଟନୀ ମ୍ୟାଚ୍ ଅତ୍ରି ଓ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଅତ୍ରି ଟିମ୍ ୨୧ ଓଭରରେ ୪ ଉଇକେଟ ହରାଇ ୧୯୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତ୍ରି ଟିମ୍‌ର ସଂଗ୍ରାମ ମାଝୀ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ଅସିତ୍ କୁମାର ଶତପଥୀ ଓ ପ୍ରକାଶ କୁମାର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅମିତ୍ କୁମାର ବେହେରା, ଧୀରେନ ତ୍ରିପାଠୀ, ସୁନୀଲ କୁମାର ରାଉତରାୟ, ଆଇନଜୀବୀ ଅଶେଷ ରାଉତ, ରାଜେନ୍ଦ୍ର ବେହେରା ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପାନବରଜର ସମସ୍ତ କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ବିଧାୟକ ରାଜେନ୍ଦ୍ର କୁମାର ସାହୁ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୩।୨୦୨୪

| | |
|---|---|
| | ୩,୪୧,୩୭୮ ଟଙ୍କା |
| ସୁନା | ୦୧.୫୦୦ ଗ୍ରାମ୍ |
| ରୁପା | ୭୧.୧୦୦ ଗ୍ରାମ୍ |

# ଶ୍ରୀବିଗ୍ରହରୁ ଉତ୍ପନ୍ନ ତେଜରାଶି ପରମବ୍ରହ୍ମ

**ପୁରୀ, ୩।୩(ଅଜିତ ମହାନ୍ତି):**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ମାର୍ଚ୍ଚ ମାସର ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସର ଆଲୋଚ୍ୟ ବିଷୟ ରହିଥିଲା 'ସିଦ୍ଧାନ୍ତ ଦର୍ପଣରେ ଶ୍ରୀଜଗନ୍ନାଥ ଚେତନା'। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଡ. ଶ୍ରୀ ନିବାସ ଆଚାର୍ଯ୍ୟ, ଅଧ୍ୟାପିକା ବାସନ୍ତୀ ଦେବୀ ଏବଂ ନାରାୟଣ ନନ୍ଦ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ରଙ୍କ ରଚିତ ଅନବଦ୍ୟ ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥ ସିଦ୍ଧାର୍ଥ ଦର୍ପଣ। ଚନ୍ଦ୍ରଶେଖର ଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ। ସେ ତାଙ୍କ ଗ୍ରନ୍ଥର ମୋଟ ୨୪ଟି ଅଧ୍ୟାୟରେ ପ୍ରାୟ ୮୦ଟି ଶ୍ଳୋକରେ ଶ୍ରୀଜଗନ୍ନାଥଙ୍କ ସ୍ମରଣ କରିଛନ୍ତି। ସିଦ୍ଧାନ୍ତ ଦର୍ପଣର ମଙ୍ଗଳା ଚରଣରେ ଶ୍ରୀନୀଳାଚଳର ଶ୍ରୀଭୂଷଣ ହେତୁ ତେଜୋମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ବିଘ୍ନ ବିନାଶ କରିବା ପାଇଁ ଜାଗ୍ରତ ରହିବା ନିମନ୍ତେ ପ୍ରାର୍ଥନା କରିଛନ୍ତି। ଶ୍ରୀଦେବୀ, ଭୂଦେବୀ, ମାଧବ, ସୁଦର୍ଶନ ଚକ୍ର, ଚକ୍ରଧାରୀ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହଯୋଗରେ ଭକ୍ତ ତେଜ ଉଜ୍ଜ୍ୱଳ ହୋଇଛି। ପୁନଃ ମହାଦେବଙ୍କ ଗହଣରେ ଦେବଗଣ ଆସି ରଥ ସିଂହାସନରେ ମଥା ଲଗାଇ ଏହି ତେଜକୁ ନମସ୍କାର କରୁଛନ୍ତି। ପ୍ରଭୁଙ୍କ ସୌନ୍ଦର୍ଯ୍ୟାତିଶୟ କନ୍ଦର୍ପକୁ ପରାଜିତ କରୁଛି। ପଠାଣି ସାମନ୍ତ

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

ଥିଲେ ଜ୍ୟୋତ ବା ତେଜର ଉପାସକ। ତାଙ୍କ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରୁ ଉତ୍ପନ୍ନ ତେଜରାଶି ବେଦାନ୍ତ ବେଦ୍ୟ ପରମବ୍ରହ୍ମ। ସେହିପରି ଗ୍ରନ୍ଥର ତେରଶହ ଅଧ୍ୟାୟରେ ଦଶଟି ଶ୍ଳୋକରେ ଦଶଅବତାରର ବର୍ଣ୍ଣନା ରହିଛି। ଗ୍ରନ୍ଥାରମ୍ଭ ଓ ପ୍ରତ୍ୟେକ ଅଧ୍ୟାୟର ଅନ୍ତିମ ଶ୍ଳୋକର ପୂର୍ବଶ୍ଳୋକରେ ସେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି। ପରମ ପାବନ ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କର ଦେହାବସାନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ତାଙ୍କ ଅନୁସାରେ ଯିଏ ପ୍ରଥମ ପରାର୍ଦ୍ଧରେ ନିଳଗିରି ଶିଖରରେ ଶ୍ରୀନୀଳମାଧବ ନାମରେ ବିରାଜିତ ଥିଲେ, ସେ ହିଁ ଦ୍ୱିତୀୟ ପରାର୍ଦ୍ଧରେ ପତିତମାନଙ୍କ ଉଦ୍ଧାର ପାଇଁ ଦାରୁବ୍ରହ୍ମ ରୂପେ ପ୍ରକଟ ହୋଇଛନ୍ତି। ସାଗର ତୀରେସ୍ଥିତ ମହାକଳ୍ପବଟ ନିକଟରେ ରତ୍ନସିଂହାସନରେ ବିରାଜିତ ଶ୍ରୀଜଗନ୍ନାଥ ଉପନିଷଦର ପରମବନ୍ଧ୍ୟ ହେଲେ ହିଁ ଅନୁଗତ ଭକ୍ତଙ୍କ ପାଖରେ ସର୍ବଦା ବୀନିତ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଆନମ ଚନ୍ଦ୍ର ସାହୁ, ନକୁଳ ଚରଣ ସ୍ୱାଇଁ, ଡ. ପ୍ରମୋଦ କୁମାର ଦଳାଇ, ଡ. କଲ୍ୟାଣୀ ଶତପଥି, ନବକିଶୋର ଶତପଥୀ, ସରୋଜ କୁମାର ଲେଙ୍କା, ଦେବରାଜ ପ୍ରଧାନ, ସରୋଜ କୁମାର ଲେଙ୍କା, ଡ. ଶରତ କୁମାର ସାହୁ, ମନମୋହନ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ପୁରୀ ଶ୍ରୀକ୍ଷେତ୍ର କଲୋନି ଅଙ୍ଗନୱାଡି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ପୋଲିଓ ବୁନ୍ଦା ଖାଇଲେ ୧୧୮୪୨ ଶିଶୁ

**କଣାସ,୩।୩(ବିଭୂତି ଭୂଷଣ ତ୍ରିପାଠୀ):**

ଜାତୀୟ ପୋଲିଓ ଦିବସ କାର୍ଯ୍ୟକ୍ରମରେ ରବିବାର କଣାସ ବ୍ଲକର ୮୦ଟି ପୋଲିଓ ବୁଥ୍‌ରେ ୧୧ ହଜାର ୮୪୨ଜଣ ଜନ୍ମରୁ ୫ବର୍ଷରୁ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଭାରତ ପୋଲିଓ ମୁକ୍ତ ଥିବାବେଳେ ପଡ଼ୋଶୀ ଦେଶରେ ଏବେ ପୋଲିଓ ରୋଗ ଦେଖାଯାଇଥିବାରୁ ସାରା ଭାରତରେ ପୋଲିଓ ବୁନ୍ଦା ଦିଆଯାଇଥିଲା। ବ୍ଲକର ୧୨୦ ଜଣ ପୋଲିଓ କର୍ମୀ, ୭୮ଟି ବୁଥ୍ ଓ ୨ଟି ସ୍ୱତନ୍ତ୍ର ବୁଥ୍‌ରେ ପିଲାଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦେଇଥିଲେ। ଏ ସମ୍ପର୍କରେ ଗତ ୧ ତାରିଖରେ ବ୍ଲକ ଅଧକ୍ଷା ପ୍ରଭାତୀ ରାଉତଙ୍କ ସଭାପତିତ୍ୱରେ ବ୍ଲକ ଟାକ୍ସଫୋର୍ସ ବୈଠକ ହୋଇ ସମସ୍ତଙ୍କୁ ପୋଲିଓ ଦେବାକୁ ଜନ ସଚେତନତା ସୃଷ୍ଟି ହୋଇଥିଲା। ଫଳରେ ରବିବାର ପ୍ରାୟ ୯୫ ପ୍ରତିଶତ ପିଲା ବୁଥ୍‌ରେ ପୋଲିଓ ବୁନ୍ଦା ଖାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୧୧ ଜଣ ବୁଥ୍ ସୁପରଭାଇଜର, ୪ ଜଣ ଭାକ୍ସିନ୍ ହ୍ୟାଣ୍ଡଲର କାର୍ଯ୍ୟ କରୁଥିବାବେଳେ ବ୍ଲକସ୍ତରରୁ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଡାକ୍ତର ବିଶ୍ୱରଞ୍ଜନ ଜେନା, ଧନେଶ୍ୱର ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ପ୍ରମୁଖ ପୋଲିଓ ବୁଥ୍‌ଗୁଡିକ ବୁଲି ଦେଖିଥିଲେ। ଆସନ୍ତା ୨ ଦିନ ପୋଲିଓ କର୍ମୀ ଘର ଘର ବୁଲି ଯାଞ୍ଚ କରି ପୋଲିଓ ବୁନ୍ଦା ନ ଖାଇଥିବା ଶିଶୁଙ୍କୁ ପୋଲିଓ ଦେବେ। କାର୍ଯ୍ୟକ୍ରାମକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଧନେଶ୍ୱର ସ୍ୱାଇଁ ଏବଂ କଳିଙ୍ଗ କୁମାର ଉପାଧ୍ୟାୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶଶୁର ଘରେ ସ୍ତ୍ରୀ, ଶଶୁରଙ୍କୁ ଆକ୍ରମଣ

**ବଳଙ୍ଗା,୩।୩(କେଦାରେଶ୍ୱର ନନ୍ଦ):**

ବଳଙ୍ଗା ଥାନା ନିକଟସ୍ଥ ନୂଆସନ୍ଥ ଗ୍ରାମ ପଞ୍ଚାୟତ ଘୋଡ଼କ ଗ୍ରାମର ଜଣେ ଯୁବକ ତାଙ୍କ ସ୍ତ୍ରୀ ଓ ଶଶୁରଙ୍କୁ ଆକ୍ରମଣ କରି ଘରେ ନିଆଁ ଲଗାଇ ମାରିଦେବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୬୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ରାଜକିଶୋର ବେହେରାଙ୍କ ଝିଅ ରୀନା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବାଲିପାଟଣା ଥାନା ଅଧୀନ ଆଲେଶି ଶାସନ ଗ୍ରାମର ଅଭିନ୍ନ ଦୁହୁଡ଼ିଙ୍କୁ ସେ ଭଲ ପାଇ ୬ ବର୍ଷ ତଳେ ବିବାହ କରିଥିଲେ। ରୀନାଙ୍କ ୫ ବର୍ଷର ଝିଅ ଥିବାବେଳେ ପାରିବାରିକ ବିବାଦକୁ କେନ୍ଦ୍ରକରି ରୀନା ବର୍ତ୍ତମାନ ବାପ ଘରେ ରହୁଛନ୍ତି। ଶନିବାର ରାତିରେ ଅଭିନ୍ନ ତାଙ୍କ ଭିଣୋଇଙ୍କ ସହ ଶଶୁର ଘରକୁ ଯାଇଥିଲେ। ସେଠାରେ ତାଙ୍କ ଶଶୁର ରାଜକିଶୋରଙ୍କୁ କାହିଁକି ତାଙ୍କ ସ୍ତ୍ରୀ ଏବଂ ଝିଅକୁ ରଖିଛନ୍ତି ବୋଲି ଅଶ୍ଳୀଳ ଭାଷାରେ ଗାଳି ଦେଇ ମାଡ଼ ମାରିଥିଲେ। ଏଥିରେ ରୀନା ପ୍ରତିବାଦ କରିବାରୁ ଅଭିନ୍ନ ତାଙ୍କ ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ତାଙ୍କ ପାଟି ଶୁଣି ପଡ଼ିଶା ଲୋକେ ଆସିବାରୁ ସ୍ତ୍ରୀ ଏବଂ ତାଙ୍କ ଝିଅକୁ ନ ଛାଡ଼ିଲେ ସେ ଶଶୁର ଘରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେବାକୁ ଧମକ ଦେଇ ଘଟଣା ସ୍ଥଳରୁ ଚାଲିଯାଇଥିଲେ ବୋଲି ରୀନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ସମାଜସେବୀ ଲକ୍ଷ୍ମୀଧର ଜଗଦେବଙ୍କ ସ୍ମୃତିସଭା

**କଣାସ, ୩।୩ (ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ବକୁ ପଞ୍ଚାୟତର ବକୁ ଗ୍ରାମରେ ସମାଜସେବୀ ଲକ୍ଷ୍ମୀଧର ଜଗଦେବଙ୍କ ସ୍ମୃତିସଭା ଗୁରୁବାର ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ବିଡିଓ ମୁଲତା ବେହେରା, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କମ୍ୟୁନିଷ୍ଟ ନେତା କିଷାନ ପଟ୍ଟନାୟକ, ଅଶୋକ ପ୍ରଧାନ, ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଭାଜପା ନେତା ବିଶ୍ୱନାଥ ରଥ, ଓମ୍‌ପ୍ରକାଶ ମିଶ୍ର, କାମାକ୍ଷା ପ୍ରଧାନ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଉମାକାନ୍ତ ପଟ୍ଟନାୟକ, ବିପିନ ବିହାରୀ ରାଉତରାୟ ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧରଙ୍କ ସ୍ମୃତିଚାରଣ ସହ ସଂଗ୍ରାମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।

# କଂସ ଦରବାର ଗୀତିନାଟ୍ୟ ମନ ମୋହିଲା



ଗୀତିନାଟ୍ୟ ପରିବେଷଣ କରାଯାଉଛି ।


ଉତ୍ସବରେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**କୋଣାର୍କ,୩।୩(ଜ୍ୟୋତିରାଜ ମହାନ୍ତି):**

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ କୋଣାର୍କ ଏନ୍ଏସି କଲ୍ୟାଣମଣ୍ଡପଠାରେ କୋଣାର୍କ ଲୋକକଳା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଏବଂ ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଏହା ଆୟୋଜିତ ହେଉଛି। ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ତ୍ରିଲୋଚନ ବରାଳ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଓ

### କୋଣାର୍କ ଲୋକକଳା ମହୋତ୍ସବ

ସାମାଜିକ କର୍ମୀ ଶଶୀଧର ପଣ୍ଡା, ବ୍ୟଙ୍ଗକବି ସମ୍ପଦ କୁମାର ରଥ, ଓଡ଼ିଶୀ ନୃତ୍ୟ ଗୁରୁ ଶଙ୍କର୍ଷଣ ପାତ୍ର, ତୁଡୁନ ଫାଉଣ୍ଡେଶନ ଅଧକ୍ଷା ଡ. ବନ୍ଦନା ହରିଚନ୍ଦନ, ସାହିତ୍ୟିକ ତଥା ଉପଦେଷ୍ଟା ନବ କିଶୋର ଦାସ, ସାମାଜିକ କର୍ମୀ ବନ୍ଦନା ହରିଚନ୍ଦନ, ଓଡ଼ିଶା କଳା ଓ ସାଂସ୍କୃତିକ ଏକାଡେମୀ ସମ୍ପାଦକ ବସନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ସାଂସ୍କୃତିକ ଜାଗରଣର ଅଭିବୃଦ୍ଧି କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ସଂସ୍କୃତିର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଯୁବତୀଯୁବକ ଓ ଶିଶୁଙ୍କୁ କଳା ଓ ସଂସ୍କୃତି ପ୍ରତି ଅନୁପ୍ରାଣିତ ହେବାକୁ ଆଲୋକପାତ କରିଥିଲେ। ଉତ୍ସବରେ ଓଡ଼ିଶାର ପ୍ରାୟ ୧୨ଟି ଜିଲ୍ଲାର ୨ଶହରୁ ଅଧିକ କଳାକାର ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ତ୍ରିଲୋଚନ ବରାଳଙ୍କ ସମେତ ସାଂସ୍କୃତିକ ଓ ନୃତ୍ୟ ସଙ୍ଗୀତ ପାଇଁ ଉଲ୍ଲେଖନୀୟ ସଫଳତା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଂସ ଦରବାର ଗୀତିନାଟ୍ୟ, କନ୍ଦରାସୁର ବଧ ନାଟକ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସୁଗମ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବକୁ ଶୁଭଶ୍ରୀ ପଣ୍ଡା ସଂଯୋଜନା କରିଥିଲେ। ସାଇଶ୍ରୀ ପୃଷ୍ଟି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମୋନାଲିସା ଷଡ଼ଙ୍ଗୀ, ବର୍ଷା ପଟ୍ଟନାୟକ, ମଧୁମୟୀ ସାହୁ, ପ୍ରଦୀପ ବିହାରୀ, ମୀନକେତନ ପ୍ରଧାନ, ଅନିଲ ବାରିକ୍ ଓ ସାମାଜିକ କର୍ମୀ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### ଜନ୍ମଦିନରେ ରକ୍ତଦାନ ଶିବିର

**କାକଟପୁର,୩।୩(ଶୁଭଦର୍ଶନ ମିଶ୍ର):**

କାକଟପୁର ପ୍ରାଚୀ ବିହାର ଦେବଦତ୍ତ ବିଶ୍ୱାଳଙ୍କ ପୁଅ ସ୍ନେହାଶ୍ରୁଙ୍କ ଜନ୍ମଦିନ ଏକ ନିଆରା ଢଙ୍ଗରେ ପାଳିଛନ୍ତି। ଥାଲାସେମିଆ ରୋଗୀଙ୍କୁ ସାହାଯ୍ୟ କରିବାକୁ ଯାଇ ପୁରୀ ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ରବିବାର ପ୍ରାଚୀ ବିହାରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଚାରିଟେବ୍‌ଲ ଟ୍ରଷ୍ଟ ଓ ୟୁଥ୍ ଫାଉଣ୍ଡେଶନ, ସମର୍ପଣ ଆଦି ସଂସ୍ଥାର କର୍ମକର୍ତ୍ତା ସର୍ବଶ୍ରୀ ରୂପେଶ ସାହୁ, କାର୍ତ୍ତିକ ସାହୁ, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଚିନ୍ମୟ ପଲେଇ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ମୋଟ ୪୫ ବୋତଲ ରକ୍ତ ସଂଗ୍ରହ ହୋଇଥିଲା।

### ଥମୁନି ବ୍ରାଉନ୍‌ସୁଗାର କାରବାର

**ଖୋର୍ଦ୍ଧା,୩।୩(ପ୍ରଭାତ ପାଣିଗ୍ରାହୀ):**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଅବକାରୀ ଗୋଇନ୍ଦା, ଫ୍ଲାଇଂ ସ୍କ୍ୱାଡ୍ ଏବଂ ଜିଲ୍ଲା ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ କୌଣସି ପ୍ରଭାବ ପଡୁନାହିଁ। କମ୍ ସମୟରେ ଅଧିକ ରୋଜଗାର ଲାଳସାରେ ଯୁବପିଢ଼ି ଏଥିରେ ସାମିଲ ହୋଇ ବିପଥଗାମୀ ହେବା ସହ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ରହୁଥିବା ନଜିର ରହିଛି। ଏପରିକି ମହିଳାମାନେ ମଧ୍ୟ ଏହି କାରବାରରେ ସମ୍ପୃକ୍ତ ଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି, ଯାହାକୁ ନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ିଥିବା ବେଳେ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହା ଉପରେ ଏବେଠୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଖୋର୍ଦ୍ଧାରେ ଥମୁନି ବ୍ରାଉନ୍‌ସୁଗାର କାରବାର। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲ୍ଲାକୁ ପଠାଯାଉଛି। ଗୁରୁଜଙ୍ଗ, ସାମନ୍ତରାପୁର, ଠେଙ୍ଗାହାଟ, ବରୁଣେଇ ଶିଳ୍ପାଞ୍ଚଳ ଆଦି ବ୍ରାଉନ୍‌ସୁଗାର କାରବାରର ହବ୍ ସେଣ୍ଟର ପାଲଟିଛି। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ବ୍ରାଉନ୍‌ସୁଗାର ଜବତ କରାଯାଉଥିଲେ ମଧ୍ୟ ସେତିକି ପରିମାଣର ଦେଖାଯାଉ ନ ଥିବା ଆଲୋଚନା ହେଉଛି। ଖୋର୍ଦ୍ଧାରେ ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର କାରବାର ହେଉଥିବା ଜଣାପଡ଼ିଛି।

# ଦେବୀ ପ୍ରସାଦ ପରିଡ଼ାଙ୍କୁ ଶ୍ରୀକ୍ଷେତ୍ର ଶ୍ରୀ ମୁକୁଟ

**ପୁରୀ, ୩।୩(ଅଜିତ ମହାନ୍ତି):**

ଶ୍ରୀକ୍ଷେତ୍ର ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକ୍ଷେତ୍ରଶ୍ରୀ ଓ ଚନ୍ଦନ ହଜୁରୀଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୫୦ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଦେବୀ ପ୍ରସାଦ ପରିଡ଼ା ଶ୍ରୀକ୍ଷେତ୍ର ଶ୍ରୀ, ସୌମ୍ୟ ରଞ୍ଜନ ଦାଶ ଚନ୍ଦନ ହଜୁରୀ ଶ୍ରୀ, କଲ୍ୟାଣୀ ଦାସ ମିସ୍ ଚନ୍ଦନ ହଜୁରୀ ମୁକୁଟ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସେବାୟତ ଭଗବାନ ଖୁଣ୍ଟିଆ, ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜଙ୍କ ପକ୍ଷରୁ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ସଭାପତି ମଧୁସ୍ମିତା ରଥ ଓ ରାଜ୍ୟ କୋଷାଧକ୍ଷ ନୀଳକଣ୍ଠ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାର ପ୍ରସ୍ତୁତି ବୈଠକ, ମିଶ୍ରଣ ପର୍ବ


ବୈଠକରେ ଭାଜପା ନେତା ଓ କର୍ମୀ ।

**ଚାରିଛକ,୩।୩(ଶିଶିର ସ୍ୱାଇଁ):**

ନିମାପଡା ନିର୍ବାଚନମଣ୍ଡଳୀ ନାରୀନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶରେ ଚାରିଛକ ଥାନା ଅଧୀନ ବାହାରଣା ପଞ୍ଚାୟତରେ ଭାଜପାର ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ନୂତନ ସଭାପତି, ଉପ ସଭାପତି ଓ ସାଧାରଣ ସମ୍ପାଦକ ଚୟନ କରାଯିବା ସହ ଏକ ମିଶ୍ରଣ ପର୍ବ କରାଯାଇଥିଲା। ଏଥିରେ ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଗାମୀ ନିର୍ବାଚନରେ ଦଳ କିଭଳି ଭାବେ ଭଲ କାମ କରିବା ସହ ପଞ୍ଚାୟତରେ ସଙ୍ଗଠନ ବଢିବାକୁ ପୁରୀ ଜିଲ୍ଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ଓଝା ଓ ବାହାରଣା ପଞ୍ଚାୟତ ପ୍ରଭାରୀ ଭଗବାନ ମିଶ୍ର ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ନୂତନ ପଞ୍ଚାୟତ ସଭାପତି ଭାବେ ବ୍ରଜକିଶୋର ନାୟକ ଚୟନ ହୋଇଥିଲେ। ଉପସଭାପତି ଭାବେ ଲକ୍ଷ୍ମୀଧର ମିଶ୍ର, ସାଧାରଣ ସମ୍ପାଦକ ଭାବେ ପଦ୍ମଚରଣ ବିଶ୍ୱାଳ ଚୟନ ହୋଇଥିଲେ। ଏହି ପ୍ରସ୍ତୁତି ବୈଠକରେ ନୂତନ ଭାବେ ବିଜେଡ଼ି ଓ କଂଗ୍ରେସ ଛାଡ଼ି ଭରତ ମଳିକ, ନରେଶ ଚନ୍ଦ୍ର ଭୋଳ, ଆରତ ମଲ୍ଲଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଭାଜପାରେ ମିଶିଥିଲେ। ବୈଠକ ଓ ସଭାପତି ଚୟନ କାର୍ଯ୍ୟକ୍ରମରେ ନିମାପଡ଼ା ନିର୍ବାଚନମଣ୍ଡଳୀର ନେତା ଶ୍ୟାମସୁନ୍ଦର ନାୟକ, ନିମାପଡ଼ା ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁଜିତ ନାୟକ, ଚାରିଛକ ମଣ୍ଡଳ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ଚଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, କୈଳାସ କର, ଜ୍ୟୋତିରଞ୍ଜନ ପାତ୍ର, ପ୍ରେମାନନ୍ଦ ନାୟକ ସହିତ ଶହେରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କ ସ୍ମୃତିରେ ଖେଳପଡ଼ିଆ ଉତ୍ସର୍ଗ

**ନିମାପଡ଼ା, ୩।୩ (ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ବ୍ଲକ ଛଣିଜଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମର ସ୍ୱର୍ଗତଃ ଦେଶବନ୍ଧୁ ବିଶ୍ୱାଳ ଜଣେ ଆଦର୍ଶ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ୨୦୦୫ ମସିହାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କର କ୍ରୀଡ଼ା ପ୍ରତି ଅହେତୁକ ଦୁର୍ବଳତା ଥିଲା। ତାଙ୍କ ସନ୍ତାନମାନେ ସ୍ୱାବଲମ୍ବୀ ହେବା ପରେ ଗାଁଗଣ୍ଡାରେ କ୍ରୀଡ଼ାର ବିକାଶ ଉଦ୍ଦେଶ୍ୟରେ ନିଜ ଖର୍ଚ୍ଚରେ ଗାଁରେ ଥିବା ପତିତ ଜମିକୁ ରୂପାନ୍ତରକରଣ କରି ପିତା ସ୍ୱର୍ଗତଃ ଦେଶବନ୍ଧୁଙ୍କ ନାମରେ ଏକ ଖେଳପଡ଼ିଆ ନିର୍ମାଣ କରିଛନ୍ତି। ନୀଳକଣ୍ଠେଶ୍ୱର ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ଦେଶବନ୍ଧୁଙ୍କ ପରିବାର ପକ୍ଷରୁ କରାଯାଇଥିବା ଏଭଳି ମହତ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ପ୍ରଶଂସା କରାଯାଉଛି। ସ୍ୱର୍ଗତଃ ଦେଶବନ୍ଧୁଙ୍କ ପୁଅ ଅମୀୟ ଏବଂ ଅମିତଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଗ୍ରାମବାସୀ କହିଛନ୍ତି। ଦେଶବନ୍ଧୁଙ୍କ ଭାଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଯୁବକ ସଂଘ ସଦସ୍ୟମାନେ ଖେଳପଡ଼ିଆ ଚତୁଃପାର୍ଶ୍ୱରେ ଚାରାରୋପଣ କରିଥିଲେ। ଖେଳପଡ଼ିଆ ରକ୍ଷଣାବେକ୍ଷଣ ପାଇଁ ସ୍ୱର୍ଗତଃ ବିଶ୍ୱାଳଙ୍କ ନାମରେ ଥିବା ଟ୍ରଷ୍ଟକୁ ପରିବାର ପକ୍ଷରୁ ୧ ଲକ୍ଷ ଟଙ୍କା ଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅମିତ ବିଶ୍ୱାଳ, ଅମୀୟ ବିଶ୍ୱାଳ, ଆଶିଷ ବିଶ୍ୱାଳ, ନୀଳକଣ୍ଠେଶ୍ୱର ଯୁବକ ସଂଘର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।


ଖେଳପଡିଆକୁ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଉଦ୍‌ଘାଟନ କରୁଛନ୍ତି ।

# ୫ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

**ଗୋପ, ୩।୩(ଭାରତୀ ଭୂଷଣ ଉପାଧ୍ୟାୟ):**

ନିମାପଡ଼ା ନିର୍ବାଚନମଣ୍ଡଳୀର ସାମୁହିକ ବିକାଶ ଉପରେ ଗୁରୁତ୍ୱ ଦେଉଛି ବୋଲି ରବିବାର ବିଧାୟକ ସମୀର ରଞ୍ଜନ ଦାଶ ବିଭିନ୍ନ ସ୍ଥାନରେ କରାଯାଇଥିବା ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କହିଛନ୍ତି। ବିଧାୟକ ଦାଶ ଗୋପ ବ୍ଲକର ୫ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୮୦ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ ସହିତ କେତେକ ନୂତନ ଗୃହକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ବନ୍ତଲି ଗ୍ରାମପଞ୍ଚାୟତରେ ବିଧାୟକ ଦାଶ ପହଞ୍ଚିବା ପରେ କର୍ମୀମାନେ ବାଜାବାଣ ମାଧ୍ୟମରେ ଶୋଭାଯାତ୍ରା କରି ତାଙ୍କୁ ପାଛୋଟି ନେଇଥିଲେ। ବିଧାୟକ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିବା ପରେ ଅପରାହ୍ନରେ ଗଣେଶ୍ୱରପୁର ପଞ୍ଚାୟତରେ ଶେଷ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ୍, ନିମାପଡ଼ା ନଗର ସଭାପତି ତଥା ଗୋପ ବ୍ଲକ ପର୍ଯ୍ୟବେକ୍ଷକ ଜିବନାନନ୍ଦ ମହାପାତ୍ର, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ନିର୍ବାଚନ ମଣ୍ଡଳୀର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାୟକ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ଯୁବ ନେତୃତ୍ୱ କରୁଣାକର ସାହୁ, ପ୍ରହ୍ଲାଦ ସ୍ୱାଇଁ, ସରପଞ୍ଚ ଜଗବନ୍ଧୁ ବରାଳ, ବନ୍ତଲି ସରପଞ୍ଚ ମହେଶ୍ୱର ସ୍ୱାଇଁ, ଯୁବ ସଭାପତି ଶରତ କୁମାର ନାୟକ, ଅଣ୍ଡରା-ଇଚ୍ଛାପୁର ଯୁବ ସଭାପତି ରମଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଏକ କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

# 'ପ୍ରକୃତି ସନ୍ତୁଳନ ରକ୍ଷାରେ ନିଦାଘର ଆବଶ୍ୟକତା'

**ପୁରୀ, ୩।୩(ଅଜିତ ମହାନ୍ତି):**

ସମତା ସାହିତ୍ୟ ସମିତି ପକ୍ଷରୁ ରାଣୀସତୀ ଭବନରେ 'ଓଡ଼ିଆ ସାହିତ୍ୟରେ ନିଦାଘ ବର୍ଣ୍ଣନା' ଶୀର୍ଷକ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ନିଦାଘରେ ଶୀତଳତାର ସୁନ୍ଦର ବର୍ଣ୍ଣନା ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ। ପ୍ରକୃତିର ସନ୍ତୁଳନ ରକ୍ଷା କରିବାରେ ନିଦାଘ ଋତୁର ପୂର୍ଣ୍ଣ ଆବଶ୍ୟକତା ରହିଛି । ଏଥିପାଇଁ ପ୍ରକୃତିର ପ୍ରତ୍ୟେକ ଋତୁକୁ ଆମେ ଉପଭୋଗ କରିବା ଉଚିତ। ଈଶ୍ୱରଙ୍କ ସୃଷ୍ଟିରେ ଏହା ତାଙ୍କର ଏକ ବହୁମୂଲ୍ୟ ଅବଦାନ। ଅତିଥିଭାବେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ଅଶୋକ କୁମାର ମିଶ୍ର, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ଲେଖିକା ଉଷା ଦେବୀ, ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ଅନୁକୂଳ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସମ୍ବାଦ ପାଠିକା ହେମାଙ୍ଗିନୀ ମହାନ୍ତି ଓ ସାମ୍ବାଦିକ ପ୍ରଦୀପ କୁମାର ନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନା ଚକ୍ରରେ ପୌର୍ଣ୍ଣମାସୀ ଦେବୀ, ଆଶାଲତା ପ୍ରଧାନ, ସୁଚରିତା ପ୍ରତିହାରୀ, ବୈକୁଣ୍ଠ ପ୍ରଧାନ, ଡାକ୍ତର ରାନୁ ମିଶ୍ର, ଅନନ୍ତ ପ୍ରଧାନ, ମଞ୍ଜୁଳା ମିଶ୍ର, ଅଶୋକ କୁମାର ମହାନ୍ତି, କରୁଣାକର ଭୋଳ, ଚିନ୍ମୟୀ ଗଜେନ୍ଦ୍ର, ଯୋଗେଶ୍ୱର ପ୍ରହରାଜ, ଚାରୁଲତା ମିଶ୍ର, ଫୁଲରାଣୀ ପାଳ, ରାଜେଶ ବେହେରା, ଜିତୁ ଭୋଇ, ସୁବାସିନୀ ଶତପଥୀ, ବିପିନ ବିହାରୀ ମିଶ୍ର, ଦେବଦତ୍ତ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭବାନୀ ପ୍ରସାଦ ବଳିଆରସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ହେମାଙ୍ଗିନୀ ମହାନ୍ତି ଓ ପ୍ରଦୀପ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଉତ୍କୃଷ୍ଟ ମାନସିକ ବିଭାଗରେ କର୍ମଶାଳା**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଉତ୍କୃଷ୍ଟ ମାନସିକ କ୍ଲିନିକାଲ ସାଇକୋଲୋଜି ବିଭାଗ ପକ୍ଷରୁ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଶାରଦା ପ୍ରସନ୍ନ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆପ୍ଲାଇଡ୍ ସାଇକୋଲୋଜି ବିଭାଗର ପ୍ରଫେସର ଡା. ସାମନ୍ତ ପୁଷ୍ପକ କୁମାର ଜେନା ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ଯଶୋବନ୍ତ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଡା. ପ୍ରତିତୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଚିକିତ୍ସକ, କର୍ମକର୍ତ୍ତା, ଛାତ୍ରୀଛାତ୍ର ତଥା କ୍ଲିନିକାଲ ସାଇକୋଲୋଜିଷ୍ଟମାନେ ଉପସ୍ଥିତ ରହିଥିଲେ।

# ଖେଳପଡ଼ିଆରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ଯୋଜନାକୁ ବିରୋଧ

କଟକ,୩।୩(ଶିଳ୍ପା ପ୍ରିୟଦର୍ଶିନୀ)


ବିଦ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଲୋକେ ଓ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

**■ଯୋବ୍ରା ହାଇସ୍କୁଲ ସମ୍ମୁଖରେ ବିକ୍ଷୋଭ**
**■ବିଧାୟକ, ପୂର୍ବତନ ବିଧାୟକଙ୍କ କୁଶପୁତ୍ତଳିକା ଦାହ**

କଟକସ୍ଥିତ ଯୋବ୍ରା ହାଇସ୍କୁଲ ଖେଳପଡିଆକୁ ଦଖଲ କରି ଆର୍ ଆଣ୍ଡ୍ ବି, ଆର୍ଆଇ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ଏହି କାର୍ଯ୍ୟ ପାଇଁ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବର୍ତ୍ତମାନର ବିଧାୟକ ସୌଭିକ୍ ବିଶ୍ୱାଳ ସହମତି ପ୍ରକାଶ କରିଥିବା ଅଭିଯୋଗ ହୋଇଛି। ତେଣୁ ଏହି କାର୍ଯ୍ୟକୁ ଯୋବ୍ରା ଅଞ୍ଚଳବାସୀଙ୍କ ସମେତ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ରବିବାର ଯୋବ୍ରା ବିଦ୍ୟାଳୟ ସମ୍ମୁଖରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଭାତ ଓ ସୌଭିକ୍‌ଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟ ପଡିଆର ପ୍ରାୟ ୧ ଏକର ଜମିକୁ ଦଖଲ କରି କଟକ ମହାନଗର ନିଗମର ଆବର୍ଜନା ପ୍ରକ୍ରିୟାକରଣ ୟୁନିଟ୍ ନିର୍ମାଣ କରାଯାଇଛି। ଏହାକୁ ଲାଗି ମ୍ୟୁନିସିପାଲିଟି କଲୋନୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ଛାତ୍ରାବାସ ଓ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତିଦିନ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବାରୁ ସ୍ଥାନୀୟ ଲୋକଙ୍କ ସମେତ ଛାତ୍ରୀଛାତ୍ର ରହିବା କଷ୍ଟକର ହୋଇପଡିଛି। ଏହି ୟୁନିଟ୍‌କୁ ସ୍ଥାନାନ୍ତର କରିବା ପାଇଁ ଅନେକଥର ଦାବି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିଯୋଗୁ ଅସନ୍ତୋଷ ଜୋର୍ ଧରିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସାରଳା ପ୍ରସାଦ ସ୍ୱାଇଁ କହିଛନ୍ତି, ଛାତ୍ରୀଛାତ୍ରଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଦ୍ୟାଳୟର ଖେଳପଡିଆକୁ ଜବରଦଖଲ କରାଯାଉଛି। ସିଏମ୍‌ସିର ୪୧ନଂ. ୱାର୍ଡ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ କହିଛନ୍ତି, ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଖେଳପଡିଆ ଥାଇ ମଧ୍ୟ ତାହା କାମରେ ଲାଗୁନି। ପୂର୍ବତନ ବିଧାୟକ ସ୍କୁଲ ଖେଳ ପଡିଆର ଅଧା ଅଂଶକୁ ଅଳିଆଗଦା ପାଇଁ ପୂର୍ବରୁ ଦେଇସାରିଛନ୍ତି। ଏବେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଏହି ଖେଳପଡିଆକୁ ଚୟନ କରାଯାଇଛି। ଏହି କାମ ପାଇଁ ବର୍ତ୍ତମାନର ବିଧାୟକ ସହମତି ପ୍ରକାଶ କରୁଥିବାରୁ ଆମେ ଏହାକୁ ଦୃଢ ବିରୋଧ କରୁଛୁ। ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟକୁ ଛାଡି ଅନ୍ୟାନ୍ୟ କାର୍ଯ୍ୟ କରାଗଲେ ଆମେ ବିରୋଧ କରିବା ସହ ରାଜରାସ୍ତାରେ ଧାରଣା ଦେବୁ ବୋଲି ସେ କହିଛନ୍ତି। ସେହିପରି ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଫରିଦା ନଫିସ୍ କହିଛନ୍ତି, ବିଦ୍ୟାଳୟ ଖେଳପଡିଆକୁ ଅଧା ଅଧା କରି ସରକାରୀ କାର୍ଯ୍ୟାଳୟ କରିବାକୁ ସରକାର ଯୋଜନା କରିଛନ୍ତି। ଏହାକୁ ସ୍ଥାନୀୟ ବିଧାୟକ ସମର୍ଥନ କରୁଛନ୍ତି। ବିଦ୍ୟାଳୟର କୌଣସି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉନାହିଁ। ହେଲେ ବିଦ୍ୟାଳୟର ପଡିଆକୁ ସରକାରୀ କାର୍ଯ୍ୟାଳୟରେ ପରିଣତ କରିବା କେତେଦୂର ଯଥାର୍ଥ ବୋଲି ବିଧାୟକଙ୍କୁ ପ୍ରଶ୍ନ କରୁଛୁ। ବିଦ୍ୟାଳୟ ପଡିଆରେ ସରକାରୀ କାର୍ଯ୍ୟାଳୟ କରାଗଲେ ଆମେ ଧାରଣା ଦେବୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ପ୍ରଭାତ ଓ ସୌଭିକ୍‌ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଏହି ବିକ୍ଷୋଭରେ ଯୋବ୍ରା ଦୁର୍ଗାପୂଜା କମିଟି ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ସୌମ୍ୟକାନ୍ତ ଜେନା, ଅମରେନ୍ଦୁ ମହାନ୍ତି, ସପନ କୁମାର ମିଶ୍ର, ରେବତୀକାନ୍ତ ବିଶ୍ୱାଳ, ବିଶ୍ୱଜିତ୍ ବେଉରା, ସଞ୍ଜୀବ ବେହେରା, ଶୁକୁନା ବେହେରା, ଶିବ ନାୟକଙ୍କ ସମେତ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର,୩।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ହରିନାଥପୁର ଗ୍ରାମରେ ଏକ ଦିବସୀୟ ଦିବାରାତ୍ର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଟିମ୍ ଅଂଶଗ୍ରହଣ କରିଥିଲା। ସିଲୁ ଟାଇଗର ଓ ଷ୍ଟାଇଲି ଟାଇଗର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ସିଲୁ ଟାଇଗର ଟିମ୍ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ବିଜେଡି ମହିଳା ମୋର୍ଚ୍ଚା ସମ୍ପାଦିକା ସବିତା ନାୟକ, କାଉନ୍‌ସିଲର ଆଶୁତୋଷ ଦାସ, ପ୍ରକାଶ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଗୋଲଡେନ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶାନ୍ତ ବଳ, ତାପସ ପାତ୍ର, ଅନିଲ ଖୁଣ୍ଟିଆ, ସଙ୍ଗୀତ୍ ମହାନ୍ତି, ପପୁନା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# କ୍ରିକେଟ: ନୂଆଗଡ଼ କ୍ଲବ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଫୁଲନଖରା,୩।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବଙ୍ଗକୁଦ ଗ୍ରାମ ଖେଳପଡିଆରେ ଗତ ଜାନୁଆରୀ ୧୦ ତାରିଖରୁ ଚାଲିଥିବା ବଙ୍ଗକୁଦ ପ୍ରିମିୟର୍ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ମା' ଯୋଗିଆଣୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୩୨ଟି ଟିମ୍ ଭାଗ ନେଇଥିଲା। ଅନ୍ଧାରୁଆ କ୍ରିକେଟ୍ ଟିମ ଓ ନୂଆଗଡ଼ କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଅନ୍ଧାରୁଆ କ୍ରିକେଟ୍ ଟିମ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ନୂଆଗଡ଼ କ୍ରିକେଟ୍ ଟିମ୍ ୧୮ ଓଭର ୫ଟି ବଲ୍ ଖେଳି ୮ ଉଇକେଟ ହରାଇ ୧୮୪ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡର କର୍ପୋରେଟର ମମତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି, ପ୍ରକାଶ ନାୟକ, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ଚୁନା ଜେନା ଟୁର୍ନାମେଣ୍ଟକୁ ପରିଚାଳନା କରିଥିବାବେଳେ ଯୋଗିଆଣୀ କ୍ରିକେଟ୍ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୩ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ମଙ୍ଗୁଳି-ଜଗତପୁର,୩।୩(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା, ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ରବିବାର ୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବାଣୀପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ କଜଳକଣା ଛକରୁ ବିରାଟ ବାଇକ ଶୋଭାଯାତ୍ରାରେ ବିଧାୟକଙ୍କୁ ଉଭୟ ପଞ୍ଚାୟତକୁ ନିଆଯାଇଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୯ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ବନ୍ଦାଳଠାରୁ ବଳିପୁର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣର ଶିଳାନ୍ୟାସ, ଚଷାପଡା ଛକରେ ୫ ଲକ୍ଷ ବ୍ୟୟରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ, ୧୦ ଲକ୍ଷ ବ୍ୟୟରେ ଚନ୍ଦନେଶ୍ୱର ମନ୍ଦିର ରୋଷେଇ ଗୃହ ଉଦ୍‌ଘାଟନ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୧୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଅନ୍ୟ ଅତିଥି ଭାବେ ୱାର୍ଡ ମେମ୍ବର ପ୍ରଶାନ୍ତ ରାଉତ, କାହ୍ନୁଚରଣ ରାଉତ, ପ୍ରଫୁଲ୍ଲ ମଲ୍ଲିକ, ରବୀନ୍ଦ୍ର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ରାଉତ, ରଞ୍ଜନ ପରିଡ଼ା ରତ୍ନରାଜ ମୁଦୁଲି, ଲୋକନାଥ ସୁବୁଦ୍ଧିରାୟ, କୈଳାସ ରାଉତ, କମୁରୁଦ୍ଦିନ ଶାହା, ପର୍ଶୁରାମ ରାଉତଙ୍କ ସମେତ ସ୍ଥାନୀୟ ମୁରବୀ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ।

### ଦୋଳ ମେଳଣ ପ୍ରସ୍ତୁତି ବୈଠକ

କଟକ ସଦର, ୩।୩(ସୁଶାନ୍ତ କୁମାର ଜେନା)

୪୨ମୌଜା ଥାନା ଅନ୍ତର୍ଗତ ବନ୍ଧୁଣିଆ ଗ୍ରାମରେ ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୋଳ ମେଳଣ କମିଟି ସଭାପତି ଅଶୋକ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଗ୍ରାମର ଦୋଳ ମେଳଣ ଓ ଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିସହ ବନ୍ଧୁଣିଆ ଗ୍ରାମରେ ଦୋଳ ବିମାନ ନ ଥିବାରୁ ନୂତନ ବିମାନ ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମର ସ୍ଥାୟୀ କୋଷାଧ୍ୟକ୍ଷଙ୍କ ମୃତ୍ୟୁ ପରେ ଏହି ପଦବୀରେ ଚିତ୍ତରଞ୍ଜନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ଦୋଳ ମେଳଣ ଓ ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଘନଶ୍ୟାମ ମଲ୍ଲିକ, ଦୀପ୍ତି ରଞ୍ଜନ ଶାସେନୀ, ବସନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ସେଠୀ, ରମେଶ ଭୋଇ, ସନ୍ତୋଷ କୁମାର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଗ୍ରାମ କମିଟି ସମ୍ପାଦକ ବିନୋଦ ବିହାରୀ ବେହେରା, କୈଳାସ ଚନ୍ଦ୍ର ସାହୁ, ରମେଶ ମଲ୍ଲିକ, ମହନ୍ତ ହୃଦାନନ୍ଦ ବିଶ୍ୱାଳ, ଭାଗ୍ୟଧର ନାୟକ, ପ୍ରାଣକୃଷ୍ଣ ବେହେରା, ଶରତ କୁମାର ବିଶ୍ୱାଳ, ବୈକୁଣ୍ଠ ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।


କଟକ ଗଡ଼ଗଡ଼େଶ୍ୱର ମନ୍ଦିରର ଜୀର୍ଣ୍ଣୋଦ୍ଧାର ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ରବିବାର ମହିଳାମାନେ ମହାନଦୀ ତଟରୁ କଳସ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଯାଉଛନ୍ତି।

# ତଦନ୍ତ କଲା ପ୍ରତ୍ନତତ୍ତ୍ୱ ବିଭାଗ

କଟକ ସଦର, ୩।୩(ସୁଶାନ୍ତ କୁମାର ଜେନା)

**ପରମହଂସନାଥ ମନ୍ଦିର ପାଚେରି ଭଙ୍ଗା ଘଟଣା**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବ ମନ୍ଦିରର ରୂପାନ୍ତରଣ କାର୍ଯ୍ୟବେଳେ ଏକ ପାଚେରିର କିଛି ଅଂଶକୁ ପୂର୍ତ୍ତ ବିଭାଗ ଭାଙ୍ଗି ଦେଇଛି। ଏହି ପାଚେରିକୁ ୬ ମାସ ତଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଥିଲା। ଅଭିଯୋଗ ପରେ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀ ଶନିବାର ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ମନ୍ଦିରଟି ସୁରକ୍ଷିତ କୀର୍ତ୍ତିରାଜି ହୋଇଥିଲେ ସୁଦ୍ଧା ପ୍ରତ୍ନତତ୍ତ୍ୱ ବିଭାଗର ବିନା ଅନୁମତିରେ ୪କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପୃକ୍ତ ବିଭାଗର ବିନା ଅନୁମତିରେ ପାଚେରି ଭାଙ୍ଗିବାକୁ ନେଇ ବିବାଦ ଉପୁଜିଛି। ଅନ୍ୟପକ୍ଷରେ ମନ୍ଦିର ପରିଚାଳନା ପାଇଁ ୩ ବର୍ଷ ହେବ ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ। ତଥାପି କାହା ଅନୁମତିରେ ଡିପିଆର ପ୍ରସ୍ତୁତ କରାଗଲା ସେନେଇ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅନୁପ କୁମାର ବେହେରାଙ୍କୁ ପତ୍ର ଲେଖାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହାର ଯଥାର୍ଥ ଉତ୍ତର ମିଳିପାରିନାହିଁ ବୋଲି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ସରୋଜ କୁମାର ନନ୍ଦ କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା ଓ କୋଠାବାଡି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବେହେରା ଅନୁମତି ନିଆଯାଇ ନାହିଁ ବୋଲି ସ୍ୱୀକାର କରିଛନ୍ତି। ମୁଖ୍ୟ ମନ୍ଦିରର କୌଣସି କ୍ଷତି ନ କରି କାମ ଚାଲିଛି। ଏହି ମନ୍ଦିର ସୁରକ୍ଷିତ କୀର୍ତ୍ତିରାଜି ବୋଲି କେହି ଜଣାଇ ନ ଥିବା ବେହେରା କହିବା ସହ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

### ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଖୁଣ୍ଟୁଣୀ, ୩।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ ବ୍ଲକ ଅଧୀନ କୁମାରପୁର ପଞ୍ଚାୟତର ବଳିପୁରଠାରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବାଲିଚନ୍ଦୁରି ଗ୍ରାମ ପର୍ଯ୍ୟନ୍ତ ୫.୯୦ କିମି ରାସ୍ତାର ଉନ୍ନତୀକରଣ ପାଇଁ ରବିବାର ଶିଳାନ୍ୟାସ କରାଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଠିକାଦାର ଦେବରାଜ ସାମଲ ଚୁକ୍ତି କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରିବାକୁ ମନ୍ତ୍ରୀ ସ୍ୱାଇଁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାରିବାଟିଆ ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ବେହେରା ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ପାଠ କରିବା ସହ ଏହି ରାସ୍ତା ନିର୍ମାଣରେ ୧୫ଟି କଲ୍‌ଭର୍ଟ ରହିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଆଠଗଡ଼ ରାସ୍ତା ଓ କୋଠାବାଡି ବିଭାଗର ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ଓ ୱାର୍ଡସଭ୍ୟ ଉପସ୍ଥିତ ଥିଲେ।

# ଯୋଗକଲେ ଶରୀର ସୁସ୍ଥ ରୁହେ

କଟକ,୩।୩ (କାର୍ତ୍ତିକ ସାହୁ)

**ଯୋଗ ପ୍ରଶିକ୍ଷଣ ଶିବିର**



ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ ହୋପ୍ ଏଜ୍ ପକ୍ଷରୁ ମର୍କତନଗରସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଗୁରୁ ସୁନୀଲ କୁମାର ଶର୍ମା ଯୋଗଦେଇ କହିଛନ୍ତି, ବରିଷ୍ଠ ନାଗରିକମାନେ ଦୈନିକ ନିୟମିତ ଯୋଗ ଓ ପ୍ରାଣାୟାମ କରିପାରିଲେ ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତିର ବୃଦ୍ଧି ଘଟିଥାଏ। ଏଥିସହ ସେ କେତେକ ଯୋଗ କ୍ରିୟା ଓ ମୁଦ୍ରା ପ୍ରଦର୍ଶନ କରିଥିଲେ। ସେ ବିଭିନ୍ନ ସାଧାରଣ ବ୍ୟାଧି ପାଇଁ ସହଜ ସରଳ ଭାବେ ଘରେ ଔଷଧ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଏହି ଶିବିରରେ ହୋପ୍ ଏଜ୍‌ର ଟ୍ରଷ୍ଟି ଡ. ସତ୍ୟ ରାୟ, ସଭାପତି କିଶୋର ଶତପଥୀ, ଉପସଭାପତି ବିଜୟ କୁମାର ପୃଷ୍ଟି, ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ, ସମ୍ପାଦକ ରଞ୍ଜିତ୍ ସାହୁ, ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ, ଯୋଗ ପ୍ରଶିକ୍ଷକ କେଦାର ନାଥ ଜାଲି ଓ କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ସାଇକେଲ ଶୋଭାଯାତ୍ରାରେ ପରିବେଶ ସଚେତନତା

କଟକ,୩।୩ (କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ୍ ଅଫ୍ କଟକ ମିଲେନିୟମ୍ ଓ ହିରୋ ସାଇକେଲ କମ୍ପାନୀର ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା ଉପରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆବଜାରସ୍ଥିତ ଗୋପାଳକୃଷ୍ଣ ଗୋଶାଳାଠାରୁ ଶୋଭାଯାତ୍ରା ବାହାରି ଗଣ୍ଡରପୁରସ୍ଥିତ ହିରୋ ସାଇକେଲ କମ୍ପାନୀର ସ୍ୱିଡ୍ ହୁଇଲ୍ସ ଶୋ' ରୁମଠାରେ ଶେଷ ହୋଇଥିଲା। ରୋଟାରୀ ମିଲେନିୟମର ସଭାପତି ପ୍ରଦୀପ ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପରିବେଶକୁ ସବୁଜ ସୁନ୍ଦର ରଖିବାକୁ ହେଲେ ଅନାବଶ୍ୟକ ଗାଡ଼ି ବ୍ୟବହାର ନ କରି ସମସ୍ତେ ସାଇକେଲ ଚଲାନ୍ତୁ। ଏଥିରେ କ୍ଲବ୍ ସମ୍ପାଦକ ସୁଧୀର ରଥ, ଚନ୍ଦ୍ରପ୍ରଭା ମହାନ୍ତି, ସଭାପତି ଦୀପକ ମହାନ୍ତ, ମହାବୀର ପ୍ରସାଦ ଜାଜୋଡ଼ିଆ ଓ ତ୍ରିଲୋଚନ ସିଂହ ଯୋଗଦେଇଥିଲେ।

# ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ପଦଯାତ୍ରା

କଟକ,୩।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ ଅଧୀନ ୨୭ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କଟକ ଜିଲା ଉପସଭାପତି ଲିଙ୍ଗରାଜ ହାତୀଙ୍କ ନେତୃତ୍ୱରେ ହରିପୁରଠାରୁ ରାଉସାପାଟଣା ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉସାପାଟଣା ଗ୍ରାମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, ମହନ୍ତ ଅଶୋକ ଦେ, ପୂଜା କମିଟି ସଭାପତି ବସନ୍ତ କୁମାର ସେନ୍, ସାଧାରଣ ସମ୍ପାଦକ ଇଂ. ଜ୍ୟୋତିଷ କୁମାର ଦାସ, ଶିବ ବଜାର ପୂଜା କମିଟି ସମ୍ପାଦକ ସୁବାସ ସେନ୍, ଶିବୁନ ସେନ୍, ଧୀରେନ୍ ଦାସ, ଚୟନୀ ଦାସ, ଧଣ୍ଟୁ ଦାସ, ସଚିନ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟୁଟୁ ସେନ୍ ଧନ୍ୟବାଦ ଦେଇଥିଲେ।



ସିଏମ୍‌ସି ୨୭ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ପଦଯାତ୍ରା।

# 'ନିମ୍ନ ଅଦାଲତର ବିଚାର ଗୁରୁତ୍ୱପୂର୍ଣ୍ଣ'

କଟକ,୩।୩ (କାର୍ତ୍ତିକ ସାହୁ)



କଟକ ବାର୍ ଆସୋସିଏଶନ୍‌ର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ବାର୍ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ**

ନିମ୍ନ ଅଦାଲତଙ୍କ ରାୟ ହାଇକୋର୍ଟରେ କାଏମ ରହିଲେ ନିମ୍ନ ଅଦାଲତରେ ମାମଲା ଠିକ୍ ଭାବେ ପରିଚାଳିତ ହେଉଛି ବୋଲି ଜଣାଯାଏ। ଏହା ହେଉଛି ଭାରତୀୟ ନ୍ୟାୟପାଳିକାର ବିଶେଷତ୍ୱ। ନ୍ୟାୟିକ ବ୍ୟବସ୍ଥାରେ ନିମ୍ନ ଅଦାଲତର ବିଚାର ଗୁରୁତ୍ୱପୂର୍ଣ୍ଣ। ତେବେ ନିମ୍ନ ଅଦାଲତରେ ମାମଲାଗୁଡ଼ିକ ଠିକ୍ ଭାବେ ପରିଚାଳନା ପାଇଁ ଆଇନଜୀବୀମାନେ ଧ୍ୟାନ ଦେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟର ବିଚାରପତି ସଞ୍ଜୟ କାରୋଲ୍ ମତବ୍ୟକ୍ତ କରିଛନ୍ତି।

କଟକ ବାର୍ ଆସୋସିଏଶନ୍ ପରିସରରେ ରବିବାର ଆସୋସିଏଶନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚୌଧୁରୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ କାରୋଲ୍ ଯୋଗଦେଇ କହିଛନ୍ତି, ଗତ ୬ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ନିମ୍ନ ଅଦାଲତରେ ଅଧିକ ମାମଲାର ଦ୍ରୁତ ଫଇସଲା ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ ନିମ୍ନ ଅଦାଲତର ବିଚାରପତିମାନେ ସେମାନଙ୍କର ଭୂମିକା ସମ୍ପାଦନ କରିବା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମାଜର ଗରିବ ଓ ଅବହେଳିତ ଲୋକମାନେ ଦ୍ରୁତ ନ୍ୟାୟ ପାଇବା ପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି, କଟକ ବାର୍‌ରୁ ମୁଁ ଓକିଲାତି ଆରମ୍ଭ କରିଥିଲି। ଏହି ବାର୍‌ରୁ ଅନେକ ବିଶିଷ୍ଟ ଆଇନଜୀବୀ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଓକିଲାତି କରିଛନ୍ତି। ଏହି ଅବସରରେ ହାଇକୋର୍ଟ ବିଚାରପତି ସଙ୍ଗମ ସାହୁ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଭି. ନରସିଂହ, ବାର୍‌ର ବରିଷ୍ଠ ସଦସ୍ୟ ଭକ୍ତହରି ମହାନ୍ତି, ଦର୍ପହରି ଧଳ, ଅକ୍ଷୟ କାନୁନ୍‌ଗୋ, ନାରାୟଣ ପରିଜାଙ୍କୁ ଆସୋସିଏଶନ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ କୁମାର ପରିଜା, ଆସୋସିଏଶନ୍ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ଆସୋସିଏଶନ୍ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ନିତ୍ୟାନନ୍ଦ ବେହୁରିଆ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକାରୀ ହୋଇପାରିଲାନି ଫିଲ୍ମ ପଲିସି

ଭୁବନେଶ୍ୱର,୩।୩(ଶର୍ମିଷ୍ଠା ପାଣିଗ୍ରାହୀ)




ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଧୀରେଧୀରେ ସୁଦୃଢ଼ ହେଉଛି। ଶୁଟିଂ ଶୈଳୀରୁ ଆରମ୍ଭ କରି ବିଷୟବସ୍ତୁ ସବୁଥିରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି। ଏବେ ରିଲିଜ ହେଉଥିବା ନୂଆ ନୂଆ ଚଳଚ୍ଚିତ୍ରକୁ ଲୋକେ ପସନ୍ଦ କରୁଥିବାବେଳେ ଅନେକ ଚର୍ଚ୍ଚାକୁ ମଧ୍ୟ ଆସୁଛି। ଏପରିକି ବହୁ ଚଳଚ୍ଚିତ୍ରର ଜାତୀୟ ତଥା ବିଶ୍ୱସ୍ତରୀୟ ରିଲଜ୍ ଓଲିଉଡ୍ ଶିଳ୍ପର ବ୍ୟାପକତାକୁ ପ୍ରମାଣିତ କରୁଛି। ହେଲେ ଏଥିପାଇଁ ଚଳଚ୍ଚିତ୍ର ନିର୍ମାତା ଓ ପ୍ରଯୋଜକଙ୍କୁ ବହୁ କଷ୍ଟ କରିବାକୁ ପଡୁଛି। ଚଳଚ୍ଚିତ୍ରକୁ ଲୋକଙ୍କ ପାଖେ ପହଞ୍ଚାଇବାକୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବୁଠୁ ବଡ଼ ସମସ୍ୟା ହେଉଛି ପ୍ରେକ୍ଷାଳୟ। ପ୍ରଯୋଜକଙ୍କୁ ସବ୍‌ସିଡି ମଧ୍ୟ ମିଳୁନି। ଯଦି କୌଣସି ଫିଲ୍ମ ଭଲ ଚାଲିଲା ତା'ର ପ୍ରାପ୍ୟ ପାଇବାକୁ ମଧ୍ୟ ବର୍ଷବର୍ଷ ବିତିଯାଉଛି। ଓଡ଼ିଆ ଚଳଚ୍ଚିତ୍ରକୁ ଏକ ଭିନ୍ନ ରୂପ ଦେବା ପାଇଁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏକ ଫିଲ୍ମ ପଲିସି ଘୋଷଣା କରାଯାଇଥିଲା। ଯାହାକୁ ନେଇ ସେତେବେଳେ ସିନେମା ଜଗତରେ ବେଶ୍ ଖୁସି ଖେଳିଯାଇଥିଲା। ବ୍ଲକ ମୁଖ୍ୟାଳୟରେ ଗୋଟିଏ ଲେଖାଏ ସିନେମା ହଲ୍ ପ୍ରତିଷ୍ଠା, ଅନ୍ୟ ରାଜ୍ୟପରି ମଲ୍ଟିପ୍ଲେକ୍ସ, ଟିକସ ମୁକ୍ତ ସହ ସିନେମା ନିର୍ମାଣ ଲାଗି ଆର୍ଥିକ ସହାୟତା, ସିନେମା ଚାଲିବା ପରେ ପ୍ରଯୋଜକ ଟଙ୍କା ପାଇବା ଭଳି ଅନେକ ସୁବିଧା ଏହି ପଲିସିରେ ଅନ୍ତର୍ଭୁକ୍ତ ରହିଛି। ହେଲେ ଇତିମଧ୍ୟରେ ୫ବର୍ଷ ବିତିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ କି ସିନେମାକୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରିବା ଭଳି ସେମିତି କିଛି ପଦକ୍ଷେପ ହୋଇନାହିଁ। ଏପରିସ୍ଥିତିରେ ପୁଣି ନୂଆ ଫିଲ୍ମ ପଲିସି ହେବା ନେଇ ନିକଟରେ ଘୋଷଣା କରାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ପଲିସିର ପ୍ରତିଶ୍ରୁତି ଦେଇ ସରକାର ସିନେମା ଜଗତକୁ ମିଛ ଆଶ୍ୱାସନାରେ ରଖୁଛନ୍ତି ବୋଲି ପ୍ରଯୋଜକମାନେ କହିବା ସହ ନାନା ପ୍ରଶ୍ନ ଉଠାଇଛନ୍ତି। ଫିଲ୍ମ ପଲିସି ଭଳି ଫିଲ୍ମସିଟି ନିର୍ମାଣ, କଳିଙ୍ଗ ଷ୍ଟୁଡ଼ିଓ ପୁନରୁଦ୍ଧାର ସମେତ ଚଳଚ୍ଚିତ୍ରକୁ ନେଇ ଯୋଜନା ସବୁ କାଗଜ କଲମରେ ସୀମିତ ରହିଯାଉଛି।

## ସରୁନି କଳିଙ୍ଗ ଷ୍ଟୁଡିଓ ପୁନରୁଦ୍ଧାର

ରାଜ୍ୟରେ କଳିଙ୍ଗ ଷ୍ଟୁଡ଼ିଓର ପୁନରୁଦ୍ଧାର ପ୍ରକ୍ରିୟା କାହିଁ କେବେଠୁ ଚାଲିଲାଣି। ପ୍ରତିବର୍ଷ ଶେଷ ବେଳକୁ ଶୁଣିବାକୁ ମିଳୁଛି କାମ ହେଉଛି, ଖୁବ୍‌ଶୀଘ୍ର ସରିଯିବ, ଆସନ୍ତା ବର୍ଷ ଉଦ୍‌ଘାଟନ ହେବ। ହେଲେ ବର୍ଷ ପରେ ବର୍ଷ ଗଡ଼ୁଥିଲେ ମଧ୍ୟ କାମ ସରୁନାହିଁ କି କାର୍ଯ୍ୟକ୍ଷମ ହେଉନାହିଁ। ଏହି ଷ୍ଟୁଡ଼ିଓ ନିର୍ମାଣ ହୋଇଗଲେ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ବେଶ୍ ସହାୟକ ହେବ। ତେବେ କେବେ କଳିଙ୍ଗ ଷ୍ଟୁଡ଼ିଓ ନୂଆ ରୂପରେ ଆସିଛି ଓ ଶୁଭ ଉଦଘାଟନ ହେଉଛି, ତାହାକୁ ସମସ୍ତେ ଅପେକ୍ଷା କରି ବସିଛନ୍ତି।

### ସ୍ୱପ୍ନରେ ବିଶ୍ୱସ୍ତରୀୟ ଫିଲ୍ମ ସିଟି

୨୦୨୧ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ସମୟରେ ଓଡ଼ିଶାରେ ଫିଲ୍ମ ସିଟି ନିର୍ମାଣ ନେଇ ନିଷ୍ପତ୍ତି ହୋଇଥିଲା। ଚିଲିକାରେ ବିଶ୍ୱସ୍ତରୀୟ ଫିଲ୍ମସିଟି ହେବା ନେଇ ସୂଚନା ଦିଆଥିଲା। ଏହାପୂର୍ବରୁ ମଧ୍ୟ ଫିଲ୍ମସିଟି ନେଇ ଆଲୋଚନା ହୋଇଥିଲା। ସାଢ଼େ ୩ବର୍ଷରେ ୬୫୦ ଏକର ଜାଗାରେ ଫିଲ୍ମ ସିଟି ନିର୍ମାଣ ହେବ ଓ ଏଥିପାଇଁ ୨୦ହଜାର କୋଟି ଖର୍ଚ୍ଚ ହେବ ବୋଲି ବି କୁହାଯାଇଥିଲା। ବଲିଉଡ୍‌ର ପ୍ରସିଦ୍ଧ ନାୟକ ଜୟ ମୁଖାର୍ଜୀଙ୍କ ଭାଇ ସୁଜୟ ମୁଖାର୍ଜୀ ଏହି ଷ୍ଟୁଡ଼ିଓର ପରିକଳ୍ପନା କରିଥିଲେ। ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେବା ନେଇ ସୁଜୟ ଗଣମାଧ୍ୟମକୁ ମଧ୍ୟ ସୂଚନା ଦେଇଥିଲେ। ହେଲେ ବିଶ୍ୱସ୍ତରୀୟ ଫିଲ୍ମ ସିଟିକୁ ନେଇ ଏବେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ଫିଲ୍ମ ସିଟିର ସ୍ୱପ୍ନ ଏବେ ପ୍ରଯୋଜକ ତଥା ସିନେମା ସହ ଜଡ଼ିତ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କଥା ଅଧିକ, କାମ କମ୍



ଘରର ମୂଳ ଯେତେବେଳେ ଯାଏ ଦୃଢ଼ ହେବନି, ସେ ଯାଏ କିଛି ହୋଇପାରିବ ନାହିଁ। ନିକଟରେ ମାସେ ଭିତରେ ଷ୍ଟାଡ଼ିୟମ୍ ହେବାର ଘଟଣା ମଧ୍ୟ ଆମେ ଦେଖିଲେ। ସରକାର ସବୁ ବିଭାଗକୁ ଦେଉଛନ୍ତି। ପ୍ରତିଦିନ ପ୍ରାୟସବୁ କ୍ଷେତ୍ରର ଉନ୍ନତି ପାଇଁ କିଛି ନା କିଛି ପଦକ୍ଷେପ ନେଉଛନ୍ତି, ମାତ୍ର ଫିଲ୍ମକୁ ନେଇ ହୋଉଥିବା ସବୁ ଘୋଷଣା କେବଳ କଥାରେ ସୀମିତ ରହିଯାଉଛି। ଏହାର ଅର୍ଥ ଆଉ କ'ଣ ବୁଝିବା ? ଆମର ଯେଉଁ ଲୋକ ପଦବୀରେ ଅଛନ୍ତି, ସେମାନେ ବୋଧୁହୁଏ କାମଟା କିଭଳି ହୋଇଯାଉ ତାହା ଚାହୁଁନାହାନ୍ତି। ନଚେତ୍ ଚାମଚାଗିରି କରି ରହୁଛନ୍ତି। ଏଠି କଥା ଅଧିକ କାମ କମ୍ ଭଳି ଲାଗୁଛି। ନ ହେଲେ ବର୍ଷ ବର୍ଷ ଧରି ଯୋଜନା ସବୁ ପଡ଼ିକି ରହି ନ ଥାନ୍ତା।

**–ଅଶ୍ୱିନୀ ତ୍ରିପାଠୀ, ପ୍ରଯୋଜକ**

### ୮୭ବର୍ଷରେ ଫିଲ୍ମ ନୀତିଟିଏ କାର୍ଯ୍ୟକାରୀ ହେଲାନାହିଁ



ଓଡ଼ିଆ ସିନେମାର ୮୭ବର୍ଷରେ ଯଦି ଫିଲ୍ମ ନୀତି ହୋଇପାରିଲା ନାହିଁ, ତାହାଠୁ ବଡ଼ ଦୁଃଖର କଥା ଆଉ କ'ଣ ରହିଲା। ସିନେମା ଜଗତର ଲୋକ ମଧ୍ୟ ଚେୟାରମ୍ୟାନ ରହିଲେ। ପୂର୍ବରୁ ରାଜନୀତିରେ ଥିବା ଲୋକ ମଧ୍ୟ ସେହି ପଦବୀରେ ରହିଛନ୍ତି। ଏହା ସତ୍ତ୍ୱେ ବି ଓଡ଼ିଆ ଫିଲ୍ମକୁ ନେଇ କୌଣସି ଲାଭ ହେଉନାହିଁ। ହାତରୁ ଖର୍ଚ୍ଚ କରି ପ୍ରଯୋଜକଟିଏ ସିନେମା କରୁଛି। ଫିଲ୍ମ ଯଦି ନ ଚାଲୁଛି କ୍ଷତି ସହି ଆଉ ସିନେମା କରୁନାହିଁ। ପୂର୍ବରୁ ସେମାନଙ୍କୁ ସବ୍‌ସିଡି ଦିଆଯାଉଥିଲା। ଏବେ ସେସବୁ ବନ୍ଦ। ପ୍ରେକ୍ଷାଳୟ ମଧ୍ୟ ନାହିଁ। ଏଭଳି ସ୍ଥିତିରେ ଫିଲ୍ମନୀତି ଘୋଷଣା ହୋଇ ଯଦି ବର୍ଷ ପରେ ବର୍ଷ ଗଡ଼ି ଚାଲିବ, ଆଉ ତାହା କାର୍ଯ୍ୟକାରୀ ହେବ ନାହିଁ ତା'ହେଲେ ସିନେମାରେ ବ୍ୟବସାୟିକ ଅସ୍ଥିରତା ଦେଖାଦେବ।

**–ଦିଲ୍ଲୀପ ହାଲି, ସିନେ ସମୀକ୍ଷକ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୋମି



@ ପ୍ରକାଶ



@ ସ୍ମୃତିରଞ୍ଜନ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୧୫ରେ ରିଲିଜ୍ ହେବ 'ଯାଯାବର ୨.୦'

**ଭୁବନେଶ୍ୱର,୩।୩(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଫିଲ୍ମ 'ଯାଯାବର ୨.୦' ଆସନ୍ତା ୧୫ ତାରିଖରେ ଶୁଭମୁକ୍ତି ଲାଭ କରିବ। ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଦୁଇଜଣ ଅପରିଚିତ ବ୍ୟକ୍ତି ଏକ ଅପ୍ରତ୍ୟାଶିତ ପରିସ୍ଥିତି ମଧ୍ୟରେ ଭେଟ ହୁଅନ୍ତି ଏବଂ ସେମାନଙ୍କ ଆପରାଧିକ ଅତୀତ ବିଷୟରେ ପରସ୍ପରକୁ କୁହନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଅପରାଧ ଦୁନିଆରେ ହଜିଯାଏ, ଅନ୍ୟ ଜଣେ ଏଥିରୁ ମୁକ୍ତି ଖୋଜେ। ତେବେ ଆଗକୁ କ'ଣ ହେବ ? ଏମିତି ଏକ ରହସ୍ୟରେ ଭରପୂର କାହାଣୀ ହେଉଛି ଯାଯାବର ୨.୦। କୌଶିକ ଦାସ ଏବଂ ରାମ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଛନ୍ତି ପ୍ରସନ୍ନଜିତ ମହାପାତ୍ର, ଦେବେଶ ରଞ୍ଜନ, ସୋନାଲି ଶର୍ମିଷ୍ଠା, ବି. ଏମ ବୈଶାଳୀ, ଚୌଧୁରୀ ବିକାଶ ଦାସ, ଶ୍ୱେତା ଆଚାର୍ଯ୍ୟ, ମାନସ ରଞ୍ଜନ ମୁଦୁଲି । ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଯାଯାବର ତାରିଖ ଘୋଷଣା ଅବସରରେ ଫିଲ୍ମ ପ୍ରଯୋଜକ କୌଶିକ ଦାସ, ରାମ ପଟ୍ଟନାୟକ, ରଞ୍ଜିତ ମହାନ୍ତି, ସୂର୍ଯ୍ୟ ଦେଓ, ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ, ଅଭିନେତା ଦେବେଶ ରଞ୍ଜନ, ପ୍ରସନ୍ନଜିତ ମହାପାତ୍ର, ପାର୍ଥ ସାରଥି, ସଙ୍ଗୀତ ନିର୍ଦ୍ଦେଶକ କିଶଲୟ ରୟ, ଗୌରବ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଚାର ପ୍ରସାର ଦାୟିତ୍ୱରେ ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି ।



କେଭିଆଇସି ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଖଦି ମହୋତ୍ସବର ରବିବାର ୯ମ ଦିନରେ ଆୟୋଜିତ ଫ୍ୟାଶନ ଶୋ'ରେ ବୁଣାକାରଙ୍କ ଉତ୍ପାଦ ପ୍ରଦର୍ଶନ କରାଯାଉଛି।

# ବିବାହ ପ୍ରତିଶ୍ରୁତି ଦେଇ ଠକେଇ, ମାଡ଼ ମାରି ଗର୍ଭନଷ୍ଟ

ଭୁବନେଶ୍ୱର,୩।୩(ସତ୍ୟଜିତ୍ ରାଉତ)

## ଅଭିଯୁକ୍ତଙ୍କୁ ଗିରଫ କଲା ମହିଳା ଥାନା ପୋଲିସ

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଠକେଇ କରିବା ସହ ମାଡ ମାରି ତାଙ୍କ ଗର୍ଭନଷ୍ଟ କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ କୋରଡକଣ୍ଟାରେ ରହୁଥିବା ବିହାରର ଧିରେନ୍ଦ୍ର ଠାକୁର ଓରଫ ଧିରେନ୍ (୩୪)। ଅଭିଯୁକ୍ତ ଧିରେନ୍‌ଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡିତା ଯୁବତୀଙ୍କର ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ ଏକ କନ୍‌ସଲ୍‌ଟାନ୍ସି ଅଫିସ ରହିଛି। ୨୦୧୯ ମସିହାରେ ଧିରେନ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଅଭିଯୁକ୍ତ ଧିରେନ୍ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ଏଥିସହ ବିଭିନ୍ନ ସମୟରେ ତାଙ୍କଠାରୁ ୨୦ଲକ୍ଷ ଟଙ୍କା ମଧ୍ୟ ନେଇ ଯାଇଥିଲେ। ତେବେ ଧିରେନ୍ ବିବାହିତ ବୋଲି ଜାଣିବା ପରେ ଯୁବତୀ ଜଣକ ତାଙ୍କୁ ଟଙ୍କା ଫେରାଇ ଦେବାକୁ କହିଥିଲେ। ଫଳରେ ଧିରେନ ତାଙ୍କୁ ଧମକ ଦେବା ସହ ମାଡ ମାରିଥିଲେ। ଫଳରେ ଯୁବତୀ ଜଣକ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ଯୁବତୀଙ୍କ ଗର୍ଭନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ଚିକିତ୍ସିତ ହୋଇ ଫେରିବା ପରେ ସେ ମହିଳା ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ପୋଲିସ ଏକ ମାମଲା (ନଂ.୪୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଏୟାରଫିଲ୍ଡ ଥାନାରେ ଧିରେନ୍ଦ୍ରଙ୍କ ନାମରେ ଗୋଟିଏ ଆପରାଧିକ ମାମଲା ରହିଥିବା ଜଣାପଡିଛି।



ଧିରେନ୍ଦ୍ର ଠାକୁର

# ଭୁବନେଶ୍ୱରରୁ ଅପହୃତା ନାବାଳିକା ଗଞ୍ଜାମରୁ ଉଦ୍ଧାର

ଭୁବନେଶ୍ୱର,୩।୩ (ସୂର୍ଯ୍ୟକାନ୍ତ ବେହେରା)

## ଯୁବକ ଗିରଫ

ଜଣେ ନାବାଳିକାଙ୍କୁ ଭୁବନେଶ୍ୱରରୁ ଅପହରଣ କରି ଗଞ୍ଜାମ କୁସୁପୁରସ୍ଥିତ ନିଜ ଘରକୁ ନେଇ ସେଠାରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମର ପ୍ରକାଶ ଦାସ। ଏଥିସହ ସେଠାରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ତେବେ ଗିରଫ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଅଣାଯିବା ପରେ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୋଲିସ ସୂଚନା ଦେଇଛି। ନାବାଳିକାଙ୍କ ମାମୁଙ୍କ ଅଭିଯୋଗ ଅନୁସାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନାବାଳିକା ଜଣକ ତାଙ୍କ ମା, ଭାଇ ଓ ମାମୁଙ୍କ ସହ ଶିଖରଚଣ୍ଡୀନଗର ବସ୍ତିରେ ରୁହନ୍ତି। ଗତ ୨୭ ତାରିଖରେ ସେ ସ୍କୁଲକୁ ଯାଇଥିବାବେଳେ ଅଭିଯୁକ୍ତ ପ୍ରକାଶ ତାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ଅଭିଯୋଗ ପରେ ଇନ୍‌ଫୋସିଟି ଥାନା ପୋଲିସ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୮୬/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।




କଟକ ଯୋବ୍ରାସ୍ଥିତ ଏକ ସ୍କୁଲ ପରିସରରେ ରବିବାର ଶିଶୁଙ୍କୁ ପଲ୍‌ସ ପୋଲିସ ବୁନ୍ଦା ଖାଇବାକୁ ଦିଆଯାଉଛି।

# ୩୫୧ ବିରଳ କଇଁଛ ଉଦ୍ଧାର କଲା ଡିଆର୍‌ଆଇ

ଭୁବନେଶ୍ୱର,୩।୩(ସତ୍ୟଜିତ୍ ରାଉତ)

## ପଶ୍ଚିମବଙ୍ଗରୁ କର୍ଣ୍ଣାଟକ ଚାଲାଣ ହେଉଥିଲା, ୩ ଗିରଫ

ଓଡ଼ିଶା ଦେଇ କଇଁଛ ଚୋରା ଚାଲାଣ ଚାଲିଛି। ଖବର ପାଇବା ପରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ର ଏକ ଟିମ୍ କଟକ ମଙ୍ଗୁଳି ଟୋଲ୍ ପ୍ଲାଜା ନିକଟରେ ଶନିବାର ଚଢ଼ାଉ କରି ଏକ ଟାଟା ଟିଆଗୋ କାର୍‌ରୁ ୩୫୧ଟି ବିରଳ ପ୍ରଜାତିର କଇଁଛ ଉଦ୍ଧାର କରିଛି। ଉକ୍ତ କାର୍‌କୁ ଜବତ କରାଯିବା ସହ ୩ଜଣ ଅଭିଯୁକ୍ତଙ୍କୁ ଡିଆର୍‌ଆଇ ପକ୍ଷରୁ ଗିରଫ କରାଯାଇଛି। ଇଣ୍ଡିଆନ୍ ଟେଣ୍ଟ ଟର୍ଟଲ୍ (ପଙ୍ଗସୁରା ଟେଣ୍ଟୋରିଆ) ପ୍ରଜାତିର ଏହି କଇଁଛକୁ ପଶ୍ଚିମବଙ୍ଗରୁ କର୍ଣ୍ଣାଟକ ଚୋରାଚାଲାଣ କରାଯାଉଥିଲା। ଏହା ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ହୋଇଥିବାରୁ ୱାଇଲ୍ଡ ଲାଇଫ୍ (ପ୍ରୋଟେକ୍ସନ୍) ଆକ୍ଟ ୧୯୭୨ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରବିବାର ଡିଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଉଦ୍ଧାର କଇଁଛଗୁଡିକୁ ଡିଆର୍‌ଆଇ ଟିମ୍ ପକ୍ଷରୁ ଓଡ଼ିଶା ବନବିଭାଗକୁ ହସ୍ତାନ୍ତର କରାଯାଇଛି।

ସୂଚନାନୁସାରେ, ପଶ୍ଚିମବଙ୍ଗରୁ କଇଁଛଗୁଡିକୁ ସଂଗ୍ରହ କରାଯାଇ ଏକ କାର୍‌ରେ ୧୬ ନଂ. ଜାତୀୟ ରାଜପଥ ଦେଇ ଚାଲାଣ ହେଉଥିବା ନେଇ ଡିଆର୍‌ଆଇ ଟିମ୍ ଖବର ପାଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ ମଙ୍ଗୁଳି ଟୋଲ୍ ପ୍ଲାଜା ନିକଟରେ ଡିଆର୍‌ଆଇ ଅଧିକାରୀମାନେ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କରି କଇଁଛଗୁଡିକୁ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ।



## ସଂକ୍ଷେପରେ

### ଯୁକ୍ତ ୨ ଛାତ୍ରୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା,୩।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଲେଇପୁଟ ଗ୍ରାମରେ ଜଣେ ଯୁକ୍ତ ୨ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଛାତ୍ରୀ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ତାଙ୍କ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷା ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଡକାୟତି ଯୋଜନାବେଳେ ୫ ଧରାପଡ଼ିଲେ



ଜଟଣୀ,୩।୩ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରେଡଙ୍ଗ କଲୋନୀସ୍ଥିତ କଲ୍ୟାଣମଣ୍ଡପ ପଛପଟେ ଶନିବାର ରାତିରେ ପୋଲିସ ଚଢ଼ାଉ କରି ୫ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଜପତିନଗର ଅଞ୍ଚଳର ପାପୁନି ଓରଫ ସଞ୍ଜୟ ଦାସ(୨୬), ବାପୁ ଓରଫ ସୁଜିତ କୁମାର ବିଶ୍ୱାଳ (୨୭) ଏବଂ ବାଲିଛକ ମୁଣ୍ଡିଆସାହିର ସୟଦ ଫାୟାଜ(୩୦), ଏସ୍.କେ ଆବିଦ(୨୯) ଏବଂ ରାଜାବଜାର ଅଞ୍ଚଳର ସୋହେଲ ଖାନ୍(୨୨)। ଏମାନଙ୍କ ନିକଟରୁ ଲଙ୍କାଗୁଣ୍ଡ ପ୍ୟାକେଟ, ଖଣ୍ଡା, ଛୁରି, ଚାପଡ଼ ଓ ଦୁଇଟି ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୮୭/୨୪)ରୁଜୁ ପରେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରବିବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରର ଜୋନ୍-୩ ଏସିପି ତାପସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଉକ୍ତ କଲ୍ୟାଣମଣ୍ଡପ ପଛପଟେ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଥିଲା। ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ସେମାନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଆଗାମୀ ଦିନରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ପେସାଦାର ଅପରାଧୀଙ୍କ ଗତିବିଧି ଏବଂ ଜେଲଫେରନ୍ତାଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ଏସିପି ପ୍ରଧାନ ସୂଚନା ଦେଇଛନ୍ତି।

# ୨ ଜଣଙ୍କ ମୃତ୍ୟୁ ପରେ ମଦ ଦୋକାନ ଜାଳିଦେଲେ

## ତାତିଲେ ମହିଳା

ନିଶ୍ଚିନ୍ତକୋଇଲି,୩।୩ (ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକରେ ଅବାଧରେ ବିକ୍ରିହେଉଥିବା ମଦ ପିଇ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ମହିଳାମାନେ ବେଆଇନଭାବେ ଚାଲିଥିବା ଦୁଇଟି ମଦ ଦୋକାନକୁ ନିଆଁ ଲଗାଇ ଜାଳିଦେଇଛନ୍ତି। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ବରଧାରୀ ପୀଠରେ ଅବାଧରେ ୩ଟି ଦେଶୀ ଓ ବିଦେଶୀ ମଦଦୋକାନ ଖୋଲାମେଲାରେ ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ଏହି ଦୋକାନଗୁଡ଼ିକର କୌଣସି ସରକାରୀ ସ୍ୱୀକୃତି ନ ଥିଲା। ସ୍ଥାନୀୟ ବଡକ୍ଷୀର ଗ୍ରାମର ମଳୟ ସାମଲ(୪୦) ଓ ନିଶ୍ଚିନ୍ତକୋଇଲିର କୃଷ୍ଣଚନ୍ଦ୍ର ଦାସ(୫୦) ଏଠାରୁ ଅନେକ ସମୟରେ ମଦ ପିଉଥିଲେ। ଶନିବାର ସେମାନଙ୍କର ମୃତ୍ୟୁ ଘଟିଥିଲା। ମଦପାନ କରିବାରୁ ସେମାନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦ ସ୍ୱରୂପ ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଠେଙ୍ଗାବାଡି ଧରି ବଡକ୍ଷୀର ପୀଠ ନିକଟରେ ବେଆଇନ ଭାବେ ଖୋଲାଯାଇଥିବା ୩ଟି ମଦଦୋକାନ ମଧ୍ୟରୁ ୨ଟିକୁ ଭାଙ୍ଗି ନିଆଁ ଲଗାଇ ପୋଡି ଦେଇଥିଲେ। ସ୍ଥାନୀୟ ଲୋକେ ଘଟଣା ଦେଖୁଥିଲେ ମଧ୍ୟ କୌଣସି ପ୍ରତିବାଦ କରି ନ ଥିଲେ। ତେବେ ଅନ୍ୟ ଏକ ଦୋକାନର ମାଲିକ ମହିଳାଙ୍କ ଗୋଡତଳେ ପଡି କ୍ଷମା ମାଗିବା ସହ ସେ ଆଉ ଦୋକାନ ଖୋଲିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ତାଙ୍କୁ ଛାଡି ଦେଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୋକାନ ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ରିପୋର୍ଟ ଲେଖାହେଲା ବେଳକୁ ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଆଇଆଇସି ଯୁଗଳ କିଶୋର ଦାସ ପ୍ରକାଶ କରିଛନ୍ତି।

## ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବାର୍ଷିକୋତ୍ସବ




ଭୁବନେଶ୍ୱର,୩।୩ (ଶର୍ମିଷ୍ଠା ପାଣିଗ୍ରାହୀ)

ଚିଲିକା ଆଞ୍ଚଳିକ ବିକାଶ ପରିଷଦର ଏକାଦଶ ସାଧାରଣ ଅଧିବେଶନ ତଥା ବାର୍ଷିକୋତ୍ସବ ରବିବାର ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଫକୀର ଚରଣ ଶତପଥୀ ଏଥିରେ ପୌରାହିତ୍ୟ କରିଥିଲାବେଳେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଉମାଶଙ୍କର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ନିଳାଦ୍ରୀ ଭୂଷଣ ହରିଚନ୍ଦନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ସୁଶୀଲ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପ୍ରଧାନ ଗତ ତିନି ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଉପସଭାପତି ଫକୀର ମୋହନ ଷଡ଼ଙ୍ଗୀଙ୍କ ଦୁଇ ପୁସ୍ତକ 'ଫେରିଲେ କହ୍ନେଇ, ବାଜିଲାନି ବଂଶୀ' ଓ 'ସେବତୀ କାନ୍ଦୁଛି, ହସୁଛି କଇଁ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପରିଷଦରେ ଆଜୀବନ ସଦସ୍ୟ ରୂପେ ନୂତନ ଭାବରେ ଯୋଗ ଦେଇଥିବା ୬ଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ସଫେଇ



ପୁରୁଣା ଭୁବନେଶ୍ୱର,୩।୩(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୮ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା। ଏହି ପରିପ୍ରେକ୍ଷୀରେ ରବିବାର ଆଞ୍ଚଳିକ ବିକାଶ ପରିଷଦର ସଭ୍ୟମାନେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲ ସହ ଅଳିଆ ଆବର୍ଜନା ସଫେଇ କରିଥିଲେ। ଶିବରାତ୍ରି ପରେ ମଧ୍ୟ ସଫେଇ ସହ ମନ୍ଦିର ବେଢ଼ାକୁ ସଫାସୁତରା ରଖାଯିବ ବୋଲି ସଭାପତି ବୃନ୍ଦାବନ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ଅରୁଣ ପୁରୋହିତ, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, କବି ତଥା ଉପସଭାପତି ଅକ୍ଷୟ ସ୍ୱାଇଁ, ଅନାଦି ଭୋଇ, ବଦ୍ରିନାଥ ସାହୁ, ଜଗଦୀଶ ପ୍ରସାଦ ସାହୁ, ବନମାଳୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଗୀତଗୋବିନ୍ଦ ସଦନରେ ଓଡ଼ିଶା ମ୍ୟୁଜିକ ହେରିଟେଜର ତୃତୀୟ ବାର୍ଷିକ ଉତ୍ସବରେ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରୁଛନ୍ତି।

## ଓଡ଼ିଶା ମ୍ୟୁଜିକ ହେରିଟେଜର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ମ୍ୟୁଜିକ ହେରିଟେଜର ତୃତୀୟ ବାର୍ଷିକ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀମାନେ ଓଡ଼ିଶୀ ସଙ୍ଗୀତ ଓ ଗୀତଗୋବିନ୍ଦ, ପୁରାତନ ଭଜନ, ଜଣାଣ, ଛାନ୍ଦ, ଚମ୍ପୁ, ନାଟ୍ୟାଙ୍ଗ, ଭାବାଙ୍ଗ ଆଦି ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ନାଟ୍ୟବିତ୍ ଦୋଳଗୋବିନ୍ଦ ରଥ, ସମ୍ମାନିତ ଅତିଥି ସଙ୍ଗୀତଜ୍ଞ ଗୁରୁ କେଶବ ଚନ୍ଦ୍ର ରାଉତ, ଅନୁଷ୍ଠାନର ଅଧ୍ୟକ୍ଷ ବିବେକାନନ୍ଦ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ବିନୋଦ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିବେକାନନ୍ଦ ରାଉତଙ୍କ କଣ୍ଠରୁ ରାସେ ହରିମିହ ବିହିତ ବିଳାସମ ଶ୍ରୀଗୀତଗୋବିନ୍ଦ..., ଶୁଭଙ୍କରୀ ଦାସ ଛାନ୍ଦ.., ପୂର୍ଣ୍ଣସା ପାଣି ଓ ସ୍ମୃତି ମହାପାତ୍ରଙ୍କ ଦ୍ୱାରା ଦ୍ୱୈତ ଓଡିଶୀ ସଙ୍ଗୀତ.., ସ୍ୱଦେଶ ମହାନ୍ତିଙ୍କ କଣ୍ଠରୁ ନାଟ୍ୟାଙ୍ଗ ନ ଯା ଯମୁନା.., ଗୁରୁ ଉମେଶ ଚନ୍ଦ୍ର ଦାସଙ୍କ ସମବେତ ଓଡ଼ିଶୀ କଣ୍ଠ ସଙ୍ଗୀତ ଓ ସ୍ୱନ୍ଦନିକା ପଟ୍ଟନାୟକଙ୍କ ଚମ୍ପୁ.. ଆଦି ସଙ୍ଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବାଦ୍ୟଯନ୍ତ୍ରରେ ବିବେକ ରାଉତ, ସଞ୍ଜୟ ରାଉତ୍, ରାଜେନ୍ଦ୍ର ଦାସ , ସୌମ୍ୟ ରଞ୍ଜନ ନାୟକ, ବଳରାମ ବଳ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ ଧୀରେନ୍ଦ୍ର ନାଥ ବେହେରା, ଗୁରୁ ଉମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବିନୋଦ ବିହାରୀ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଟାଙ୍ଗୀ ବ୍ଲକ: ୧୦,୮୭୭ ପିଲା ଖାଇଲେ ପୋଲିଓ ବୁନ୍ଦା

ଟାଙ୍ଗୀ/ନିରାକାରପୁର,୩।୩ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ପୋଲିଓ ଦିବସ ଅବସରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ରବିବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ୫ବର୍ଷ ପର୍ଯ୍ୟନ୍ତ ୧୦,୮୭୭ ଜଣ ପିଲା ପୋଲିଓ ବୁନ୍ଦା ଖାଇଥିବା ଜଣାପଡିଛି। ୬୨ଟି ବୁଥରେ ୧୦,୫୩୯ ଜଣ, ୩ଟି ସର୍ବସାଧାରଣ ସ୍ଥାନ ନିରାକାରପୁର ରେଳ ଷ୍ଟେଶନ, ରାମେଶ୍ୱର ବସଷ୍ଟାଣ୍ଡ, ମା'ଉଗ୍ରତାରା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧୨ଜଣ, ଦୁଇଟି ଭ୍ରାମ୍ୟମାଣ ବୁଥରେ ୩୬ ଜଣ ପିଲା ପୋଲିଓ ବୁନ୍ଦା ଖାଇଥିଲେ। ୨୪୮ଜଣ ପୁରୁଷ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ବୁଥରେ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ତପନ କୁମାର ମଣ୍ଟୁ, ଝୁମା ରାଣୀ ଚକ୍ରବର୍ତ୍ତୀଙ୍କ ସମେତ ସୁପରଭାଇଜରମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖ ପଯ୍ୟନ୍ତ ଚାଲିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ନନ୍ଦ ସୂଚନା ଦେଇଛନ୍ତି।

## ବୋମାମାଡ଼ ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଜଟଣୀ,୩।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜାରୀ ଗ୍ରାମରେ ଶୁକ୍ରବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ପୂର୍ବରୁ ୩ଜଣଙ୍କୁ ଗିରଫ କରିଥିବା ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମ ଟାଙ୍ଗୀ ସାହିର ଇର୍ଷାଦ ଓରଫ କୁନୁ(୨୫)। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ନୂଆ ମସଜିଦ ସାହିର କେତେଜଣ ଯୁବକ ତ କୁ କ୍ରିକେଟ ଖେଳ ଦେଖିବା ପାଇଁ ଯାଇଥିଲେ। ପୂର୍ବଶତ୍ରୁତାକୁ ନେଇ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତମାନେ ନୂଆ ମସଜିଦ ସାହିର ଯୁବକମାନଙ୍କୁ ଗାଳିଗୁଲଜ କରିଥିଲେ। ଯାହା ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହା ପରେ ସେମାନେ ଗ୍ରାମକୁ ଫେରି ଆସିଥିଲେ। ପରେ ରାତିରେ ଅଭିଯୁକ୍ତମାନେ ନୂଆ ମସଜିଦ ସାହିକୁ ଯାଇ ମହମ୍ମଦ ସୁଫିୟାନଙ୍କ ଘର ନିକଟରେ ବୋମାମାଡ଼ କରିଥିଲେ। ଏଥିରେ ୨ ଜଣ ଆହତ ହୋଇଥିଲେ। ସୁଫିୟାନଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

PANCHAYAT SAMITI OFFICE, TARBHA
Tender Call Notice No.05/2023-24, Dt.27.02.2024
No.i-658 INVITATION OF BID
Last date of receipt of Bid: 07.02.2024
Date of Opening of Bid : 7.02.2024
The Block Development Officer, Tarbha invite percentage rate bid from the Contractor/ bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 2 | Construction of Mukhya Mantri Sabha Ghar at Village Deulpadar | WODC | 24,84,731/- | C & B |

For details visit our District website www.subarnapur.nic.in
Sd./-Block Development Officer, Tarbha
OIPR-19369/11/0005/2324

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,ବିଜେପୁର
OFFICE OF THE
NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:-bijepurnac2018@gmail.com
QUOTATION CALL NOTICE
No. 248 /NACB Date. 02/03/2024
No.C-3315:Sealed quotations are invited by the undersigned from the Website Developer for making a Dynamic Website Portal as per Govt. in H & U.D. Deptt Letter No. 19676/HUD, Dated 04.11.2019 (Letter Enclosed). For Development, Design and Maintenance the online Website Portal for NAC, Bijepur. The quotationer should submit the valid copy of GST Registration Certificate. PAN Card with an E.M.D. amount of Rs. 5000/- (Five Thousand) only in shape of Money Receipt/Demand Draft in favour of Executive Officer, NAC, Bijepur with the quotation. Quotation paper cost is Rs. 200/- (Two hundred) only and the same will be available from 04.03.2024 to 11.03.2024 up to 11.00am. The quotation should reach to the undersigned on or before Date 11.03.2024 at 12.00pm through Speed Post/ Registered Post/ Person and the same will be opened on the same day at 3.00pm in the presence of Developer or their authorized representatives, if any. Quotation received after scheduled date & time will not be entertained. The authority reserves the right to reject each or all quotations without assigning any reason thereof.
Sd./- Executive Officer
Bijepur NAC
OIPR-13123/11/0030/2324

## ନାମ ସଂକୀର୍ତ୍ତନ କରି ଆସିଲେ ବରଯାତ୍ରୀ



ବାଙ୍କୀ,୩।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

### ନିଆରା ବାହାଘର

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଙ୍କୀ ସୁନାଦେଇପୁର ଗ୍ରାମରେ ଏକ ନିଆରା ବାହାଘର ଦେଖିବାକୁ ମିଳିଛି। ଏହି ବାହାଘରରେ ବରଯାତ୍ରୀଙ୍କ ପକ୍ଷରୁ ଡିଜେ ବାଜି ନ ଥିଲା କି ମଦପିଇ, ଆଧୁନିକ ଗୀତରେ ନାଚି କେହି ମସ୍‌ଗୁଲ ହୋଇ ନ ଥିଲେ। ଏହା ପରିବର୍ତ୍ତେ ହରିନାମ ସଂକୀର୍ତ୍ତନ କରି ସେମାନେ ବିବାହ ମଣ୍ଡପରେ ପହଞ୍ଚିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ବିଷମପଡା ଗ୍ରାମରେ ଜଳଧର ସେଠୀ (ଚୈତନ୍ୟ)ଙ୍କ ବିବାହରେ ସମସ୍ତ ବରଯାତ୍ରୀ ବେକରେ ତୁଳସୀ ମାଳି ପକେଇ ମୁଣ୍ଡରେ ଚିତା ମାରି ହରେକୃଷ୍ଣ ହରେ ରାମ ନାମ ସଂକୀର୍ତ୍ତନ କରି ବାଙ୍କୀ ସହର ପରିକ୍ରମା କରିଥିଲେ। ପରେ ସୁନାଦେଇପୁରର ଲକ୍ଷ୍ମଣ ଦଳେଇଙ୍କ ଝିଅ ରୁକ୍ମିଣୀଙ୍କୁ ବାଙ୍କୀ ଜଳେଶ୍ୱର ମନ୍ଦିରରେ ବୈଦିକରୀତିରେ ବିବାହ କରିଥିଲେ। ଏପରି ନିଆରା ଦୃଶ୍ୟ ଗ୍ରାମରେ ସମସ୍ତଙ୍କୁ ଚକିତ କରିବା ସହ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏ ସମ୍ପର୍କରେ ବର ଚୈତନ୍ୟ କୁହନ୍ତି, ସେ ଇସ୍କନ ସହ ଜଡ଼ିତ। ପିଲାଦିନୁ ବୈଷ୍ଣବ ଧର୍ମରେ ଦୀକ୍ଷିତ। ଆଧୁନିକ ଯୁଗରେ ଧର୍ମ ରକ୍ଷା କରିବା ପାଇଁ ଲୋକମାନଙ୍କୁ ଉଚିତ ମାର୍ଗ ଦେଖାଇବା ଏହା ଏକ ଛୋଟ ପ୍ରୟାସ। ତେଣୁ ଆମେ ହରେ କୃଷ୍ଣ ହରେ ରାମ ନାମ ନେଇ ବରଯାତ୍ରୀଙ୍କୁ ଶୋଭାଯାତ୍ରାରେ ଆଣିଥିଲୁ।

## ଖୋଲିବ ଜଳଛତ୍ର, ମେଡିକାଲରେ ସ୍ୱତନ୍ତ୍ର ୱାର୍ଡ

ଖୋର୍ଦ୍ଧା,୩।୩ (ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

### ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

- ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଯାଏ କାମ ବନ୍ଦ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲିବ କଣ୍ଟ୍ରୋଲ ରୁମ୍

ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ନେଇ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ କାରଣ, ନିରାକରଣ ସମ୍ପର୍କରେ ଅଧିକ ସଚେତନତା ଲାଗି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡ ଓ ଜନଗହଳି ସ୍ଥାନରେ ପୋଷ୍ଟର ଲଗାଯିବ। ଜଳକଷ୍ଟ ଦୂର ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆରଡବ୍ଲ୍ୟୁଏସ୍ଏସ୍, ୱାଟ୍‌କୋ ନିଜ ନିଜ ସ୍ତରରେ ପାନୀୟଜଳ ବ୍ୟବସ୍ଥା କରିବେ। କେନାଲରେ ପର୍ଯ୍ୟାପ୍ତ ମାତ୍ରାରେ ପାଣି ଛାଡ଼ିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଚଞ୍ଚଳ ରାଣା ପରାମର୍ଶ ଦେଇଛନ୍ତି। ପଞ୍ଚାୟତସ୍ତରରେ ସରପଞ୍ଚ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ବିଶୁଦ୍ଧ ପାନୀୟଜଳ ଲାଗି ଜଳଛତ୍ର ଖୋଲିବେ। ଗୃହହୀନ ଓ ନିରାଶ୍ରୟଙ୍କ ପାଇଁ ଆଶ୍ରୟସ୍ଥଳୀରେ ବ୍ୟବସ୍ଥା କରାଯିବ। ମତ୍ସ୍ୟ ଓ କୃଷି ବିଭାଗ ନିଜ ସ୍ତରରେ ପୋଷ୍ଟର ଲଗାଇ ସଚେତନ କରାଇବେ। ସ୍କୁଲକୁ ଆସୁଥିବା ପିଲାମାନେ ଯେପରି ସାଥିରେ ପାଣିବୋତଲ, ଛତା ଧରି ଆସିବେ, ଏଥିଲାଗି ଜିଲା ଶିକ୍ଷା ଅଧିକାରୀ ସୁନିଶ୍ଚିତ କରିବେ। ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ସକାଳ ୭ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ଜିଲା ସମାଜ ମଙ୍ଗଳ ଅଧିକାରୀ ଗର୍ଭବତୀ ଓ ଶିଶୁଙ୍କ ଯତ୍ନ ନେବା ପାଇଁ ଆଶା, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସୁନିଶ୍ଚିତ କରାଇବେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ ଖରାରେ କାମ ନ କରିବାକୁ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେବ। ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ବିଦ୍ୟୁତ୍ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବାକୁ ବିଦ୍ୟୁତ୍ ବିଭାଗକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଂଶୁଘାତ ଜନିତ ସ୍ୱାସ୍ଥ୍ୟସେବା, ଚିକିତ୍ସା ପାଇଁ ଚିକିତ୍ସାଳୟରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା ରହିବ। ସମସ୍ତ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍, ହାଲୋଜେନ ଟାବ୍‌ଲେଟ ରଖିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଣ୍ଟ୍ରୋଲରୁମ୍ ଖୋଲାଯିବ। ବୈଠକରେ ଜିଲାପାଳ ରାଣା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ବରଗଡ଼
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)
ବିଜ୍ଞାପନ ସଂଖ୍ୟା-୫୯୨, ତା.୦୨.୦୩.୨୦୨୪
No.v-78:ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୦୨୫ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ "ଅନ୍ୱେଷା" ଯୋଜନା ମାଧ୍ୟମରେ ବରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ବାସ କରୁଥିବା SECC ତାଲିକା ଅନ୍ତର୍ଭୁକ୍ତ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର କେବଳ ଝିଅ ପିଲାମାନେ ଯେଉଁମାନଙ୍କର ବୟସ ୩୧.୦୧.୨୦୨୪ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ କିନ୍ତୁ ୭ ବର୍ଷରୁ କମ୍ ହୋଇଥିବ ସେମାନେ ବରଗଡ଼ ସହରାଞ୍ଚଳରେ ଥିବା ବରଡୋଲ ଅନ୍ୱେଷା ଛାତ୍ରୀନିବାସରେ ରହି ଉତ୍ତମମାନର ଇଂରାଜୀ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀରେ ପଢିବା ନିମିତ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ବିଜ୍ଞାପନ ସଂଖ୍ୟା- ୪୮୪, ତା.୧୯.୦୨.୨୦୨୪ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଉକ୍ତ ବିଜ୍ଞାପନରେ ଫର୍ମ ଦାଖଲର ଶେଷ ତାରିଖ ୨୬.୦୨.୨୦୨୪ ନିର୍ଦ୍ଧାରଣ କରାଯାଇଥିଲା । ଉକ୍ତ ସମୟ ସୀମା ଅତ୍ୟନ୍ତ ସ୍ୱଳ୍ପ ହେଉଥିବା ଅନୁଭବ କରି ଫର୍ମ ଦାଖଲର ଶେଷ ତାରିଖକୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ଯେଉଁମାନେ ଆଗରୁ ସମୟର ସ୍ୱଳ୍ପତା ପାଇଁ ୨୬.୦୨.୨୪ ମଧ୍ୟରେ ଫର୍ମ ଦାଖଲ କରିପାରିନାହାନ୍ତି ସେମାନେ ୩୧.୦୩.୨୦୨୪ ସୁଦ୍ଧା ଫର୍ମ ଦାଖଲ କରିପାରିବେ ।
ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞାପନର ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
OIPR-24347/11/0006/2324 ସ୍ୱା./-ଜିଲ୍ଲାପାଳ, ବରଗଡ଼

# ୩୭ ଡିଗ୍ରୀ ଛୁଇଁଲା ପାରଦ

ଭୁବନେଶ୍ୱର,୩।୩(ଅନିଲ ଦାସ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମର ପ୍ରକୋପ ଅସହ୍ୟ ହେଲାଣି। ଗତ ଦୁଇ/ତିନି ଦିନରେ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଲାଣି। ରାଜ୍ୟର ୭ଟି ସହରରେ ଦିନର ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୬.୯, ଅନୁଗୋଳ ୩୬.୧, ବଲାଙ୍ଗୀର ୩୬.୮, ଟିଟିଲାଗଡ଼ ୩୬.୧, ସୋନପୁର ୩୬.୧ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ମାର୍ଚ୍ଚ ୭ରୁ ପାରଦ ଆହୁରି ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ନିକଟତର ହେବ। ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି। ଏପ୍ରିଲ ଓ ମେ' ମାସରେ ପ୍ରଚଣ୍ଡ ଗ୍ରୀଷ୍ମ ସମଗ୍ର ରାଜ୍ୟକୁ ଉତ୍ତପ୍ତ କରି ରଖିବ। ଏହି ୨ ମାସରେ ତାପମାତ୍ରା ୪୦ରୁ ୪୫ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି । କେତେକ ସ୍ଥାନରେ ଏହା ଉପରକୁ ଯାଇପାରେ ବୋଲି ପାଣିପାଗ ବିଶାରଦ ଅନୁମାନ କଲେଣି। ତାତି ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ଲହର ଅନୁଭୂତ ହେବାର ସମ୍ଭାବନା ରହିଛି ।

# ସରଗରମ ରାଜଧାନୀ ରାଜନୀତି

ଭୁବନେଶ୍ୱର,୩।୩(ଅନିଲ ଦାସ)

■ ବନ୍ଧୁମିଳନ ନାଁରେ ଶକ୍ତି ପ୍ରଦର୍ଶନ
■ ବିଧାୟକଙ୍କୁ ଅଡୁଆ ଆଶାୟୀ

ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ଆଗାମୀ କିଛିଦିନ ମଧ୍ୟରେ ହେବ। ଏଭଳିସ୍ଥଳେ ରାଜଧାନୀ ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀରେ ରୋଚକ ସ୍ଥିତି ଦେଖିବାକୁ ମିଳିଛି। ଆଶାୟୀମାନେ ବିଧାୟକମାନଙ୍କ ବାଟ ଓଗାଳିଲେଣି। ନିଜର ଶକ୍ତି ପ୍ରଦର୍ଶନ କରିବା ସହ ସମାନ୍ତରାଳ ସଭାସମିତି, ପଦଯାତ୍ରା ଓ ବନ୍ଧୁମିଳନ ଆୟୋଜନ କରି ବିଧାୟକଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି। ରବିବାର ମଧ୍ୟ ଭୁବନେଶ୍ୱରରେ ଏମିତି କିଛି ଦେଖିବାକୁ ମିଳିଛି। ଭୁବନେଶ୍ୱର ମହାନଗର ନିଗମର ୪୫ ନମ୍ବର କର୍ପୋରେଟର ତଥା ବିଜେଡିର ବୌଦ୍ଧ ପର୍ଯ୍ୟବେକ୍ଷକ ଅମରେଶ ଜେନା ବନ୍ଧୁମିଳନ ନାମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ବିଧାୟକ ଅନନ୍ତ ନାରାୟଣ ଜେନା ୱାର୍ଡ ନମ୍ବର ୩୧ରେ ନିଜର ସମର୍ଥକ କର୍ପୋରେଟର ଓ କର୍ମୀମାନଙ୍କୁ ନେଇ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ଗୋଟିଏ ଦିନରେ ଦୁଇଟି କାର୍ଯ୍ୟକ୍ରମ ଉଭୟଙ୍କ ମଧ୍ୟରେ ବଳକଷାକଷି ହେଉଥିବା ନେଇ ଚର୍ଚ୍ଚା ହେଉଛି।

ଅମରେଶ ରବିବାର କଳ୍ପନା ଛକ ନିକଟ ବିର୍ଲା ଗେଷ୍ଟ ହାଉସଠାରେ ଏକ ବନ୍ଧୁମିଳନର ଆୟୋଜନ କରିଛନ୍ତି। ଏଥିରେ ବିଏମ୍‌ସିର ପୂର୍ବତନ ମେୟର ମିହିର ମହାନ୍ତି, ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର କର୍ପୋରେଟର ବିରଞ୍ଚିନାରାୟଣ ମହାସୂପକାର ଏବଂ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ବିଭିନ୍ନ ୱାର୍ଡ କର୍ପୋରେଟରମାନେ ଯୋଗଦେଇଥିଲେ। ନୂଆକରି ବିଜେଡିରେ ଯୋଗଦେଇଥିବା ଯୁବ ପ୍ରତିଭାମାନଙ୍କୁ ଲୋକମାନଙ୍କ ସହ ଯୋଡ଼ିହେବାକୁ ଅମରେଶ ପରାମର୍ଶ ଦେଇଛନ୍ତି। ଏହି ବନ୍ଧୁମିଳନ ଆୟୋଜନ କରି ସେ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ଭାବେ ନିଜକୁ ପ୍ରତିପାଦିତ କରିବା ନେଇ ଚର୍ଚ୍ଚା ହେଉଛି। କେବଳ ଅମରେଶ ନୁହନ୍ତି, ରାଉରକେଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଯୁବ ବିଜେଡି ନେତା ଦୁର୍ଗା ସାମନ୍ତରାୟ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେହିପରି ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଏମ୍‌ସିର ୫୯ ନମ୍ବର କର୍ପୋରେଟର ବିରଞ୍ଚି ମହାସୂପକାର ମଧ୍ୟ କିଛିଦିନ ତଳେ ଏକାମ୍ର ନିର୍ବାଚନମଣ୍ଡଳୀରେ ନିଜର ସମାନ୍ତରାଳ ବନ୍ଧୁମିଳନ ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀରେ ବିଧାୟକ ସୁଶାନ୍ତ ରାଉତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରୁଥିବାବେଳେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ୍ୟ ସମାନ୍ତରାଳ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। ଭୁବନେଶ୍ୱରର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ଓ ଆଶାୟୀଙ୍କ ମଧ୍ୟରେ ଏକପ୍ରକାର ଟକ୍କର ଆରମ୍ଭ ହୋଇଥିବା କୁହାଯାଉଛି।



ଭୁବନେଶ୍ୱର ୧୯ ନମ୍ବର ୱାର୍ଡରେ ବିଧାୟକ ଅନନ୍ତନାରାୟଣ ଜେନାଙ୍କ ରୋଡ୍ ଶୋ' ।




ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ କର୍ପୋରେଟର ଅମରେଶ ଜେନାଙ୍କ ବନ୍ଧୁମିଳନ ଉତ୍ସବ।



ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ସମାବେଶରେ ଉପସ୍ଥିତ ନେତୃମଣ୍ଡଳୀ।

# ୨ ଲାଇଟ୍ ସ୍ପୋର୍ଟ୍ସ ଏରୋପ୍ଲେନ୍‌ର ଉଡ଼ାଣ ବାତିଲ

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)/ ଢେଙ୍କାନାଳ, ୩।୩ (ରତନ ନାୟାର)

### ଆଶଙ୍କାରେ ୪୦ ପାଇଲଟ ପ୍ରଶିକ୍ଷାର୍ଥୀଙ୍କ ଭବିଷ୍ୟତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ବିରାଶାଳସ୍ଥିତ ସରକାରୀ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରରେ ୨ ବର୍ଷ ହେଲା ପାଇଲଟ ଟ୍ରେନିଂ ନେଉଥିବା ୪୦ ଟ୍ରେନି ପାଇଲଟଙ୍କ ଭବିଷ୍ୟତକୁ ନେଇ ଆଶା ଆଶଙ୍କା ସୃଷ୍ଟି ହୋଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଯେଉଁ ୨ଟି ଏୟାରକ୍ରାଫ୍ଟରେ ୨ ବର୍ଷ ଧରି ପ୍ରଶିକ୍ଷଣ ନେଉଛନ୍ତି ତାହା ଲାଇଟ ସ୍ପୋର୍ଟ୍ସ ଏରୋପ୍ଲେନ ହୋଇଥିବାରୁ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ ଆଭିଏଶନ (ଡିଜିସିଏ) ଚିଠି କରିବା ପରେ ପ୍ରଶିକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳ ଖେଳା ଯାଇଥିବା ରବିବାର ଟ୍ରେନି ପାଇଲଟମାନେ ଅଭିଯୋଗ କରିଛନ୍ତି। ଟ୍ରେନି ପାଇଲଟମାନେ କହିଛନ୍ତି, ବିରାଶାଳ ଏୟାରଷ୍ଟ୍ରିପରେ ୪ ଗୋଟି ଅତ୍ୟାଧୁନିକ ଏୟାରକ୍ରାଫ୍ଟ ରହିଛି। ସେଥିମଧ୍ୟରୁ ୨ଟି ଏୟାରକ୍ରାଫ୍ଟ ନୂତନ ମଡେଲର। କିନ୍ତୁ ଡିଜିସିଏ ଚିଠି ସମସ୍ତଙ୍କୁ ଚକିତ କରିଛି। ଯେଉଁ ୨ଟି ଏୟାରକ୍ରାଫ୍ଟରେ ସେମାନେ ଟ୍ରେନିଂ ନେଉଛନ୍ତି, ସେହି ଏୟାରକ୍ରାଫ୍ଟ ଡିଜିସିଏଙ୍କ ଗାଇଡଲାଇନ ଅନୁଯାୟୀ ଲାଇଟ ସ୍ପୋର୍ଟ୍ସ ଏରୋପ୍ଲେନ। ତେଣୁ ତାହା ପ୍ରଶିକ୍ଷଣ ନେବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଗତ ୨୬ ତାରିଖରେ ନୋଟିସ ଆସିଛି। ଉକ୍ତ ନୋଟିସ ଅନୁଯାୟୀ ଏହି ୨ଟି ଏୟାରକ୍ରାଫ୍ଟରେ ଟ୍ରେନିଂ ନେବା ପାଇଁ ସମ୍ପୂର୍ଣ୍ଣ ମନା କରାଯାଇଛି। ଫଳରେ ସମ୍ପୃକ୍ତ ଏୟାରକ୍ରାଫ୍ଟରେ ଟ୍ରେନିଂ ନେଉଥିବା ପ୍ରଶିକ୍ଷାର୍ଥୀମାନେ ଲାଇସେନ୍ସ ପାଇ ପାରିବେନାହିଁ। ଏହାକୁ ନେଇ ଏବେ ଟ୍ରେନି ପାଇଲଟମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ୨ ବର୍ଷର ପ୍ରଶିକ୍ଷଣ ମଧ୍ୟରେ ଟ୍ରେନି ପାଇଲଟମାନେ ଶହେ ଘଣ୍ଟାରୁ ଅଧିକ ଉଡ଼ାଣ ଭରି ସାରିଛନ୍ତି ଏବଂ ଏ ବାବଦକୁ ପ୍ରାୟ ୨୫ ରୁ ୪୦ ଲକ୍ଷ ଟଙ୍କା ବ୍ୟୟ କରିସାରିଛନ୍ତି। ତେଣୁ ସେମାନଙ୍କ ସମୟ ଅପଚୟ ସାଙ୍ଗକୁ ଖର୍ଚ୍ଚ ହୋଇଥିବା ଅର୍ଥର ଭରଣା କରିବ କିଏ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥିସହ ଆରମ୍ଭରୁ ଏହି ଏୟାରକ୍ରାଫ୍ଟକୁ କାହିଁକି ବାତିଲ କରାଗଲା ନାହିଁ। ଏ ନେଇ ସେମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରଶିକ୍ଷାର୍ଥୀମାନେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ବିମାନ ପ୍ରଶିକ୍ଷଣ ଦେଉଥିବା ସଂସ୍ଥାର ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ପ୍ରଶାସନ ନିକଟରେ ଲିଖିତ ଭାବେ କୌଣସି ଅଭିଯୋଗ ପହଞ୍ଚିନାହିଁ। ବିଭିନ୍ନ ଗଣମାଧ୍ୟମରୁ ଏ ନେଇ ଯାହା କିଛି ଜାଣିବାକୁ ମିଳୁଛି।



ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ସପରିବାର ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସିଂହଦ୍ୱାର ସମ୍ମୁଖରେ ଜିଲା ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# କନ୍‌ଷ୍ଟେବଲ, ମାଓବାଦୀ ନିହତ

ମାଲକାନଗିରି,୩।୩ (ଦୁର୍ଯ୍ୟୋଧନ ପାତ୍ର)

### ସୀମାନ୍ତରେ ଗୁଳି ବିନିମୟ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ରବିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଏଥିରେ ଜଣେ କନ୍‌ଷ୍ଟେବଲ,ମାଓବାଦୀ ନିହତ ହୋଇଛନ୍ତି। ମୃତ କନଷ୍ଟେବଲ ହେଲେ ରମେଶ କୁରେଠୀ । ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ବସ୍ତର ରେଞ୍ଜ ଆଇଜି ସୁନ୍ଦରରାଜ ପିଙ୍କ ସୂଚନା ଅନୁଯାୟୀ କାଙ୍କେର ଜିଲା ଛୋଟେବେଠିଆ ଥାନା ଅନ୍ତର୍ଗତ ବିଦୁର ଜଙ୍ଗଲରେ ମାଓବାଦୀଙ୍କ ବୈଠକ ବସିଥିଲା। ଏ ସମ୍ପର୍କରେ ଖବର ପାଇ ଡିଆର୍‌ଜି ଓ ବିଏସ୍‌ଏଫ୍ ବାହିନୀ ଉକ୍ତ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ବୈଠକ ଚାରିପଟୁ ଘେରାବନ୍ଦୀ କରିବାକୁ ଯୋଜନା କରୁଥିବା ବେଳେ ମାଓବାଦୀମାନେ ଏହା ଜାଣିପାରି ଯବାନମାନଙ୍କ ଉପରେ ଗୁଳି ଚଳାଇଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିଥିବା ବେଳେ ତାଙ୍କ ଆକ୍ରମଣର ସାମ୍ନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଉଭୟପଟ ଗୁଳି ଚାଳନାରେ ବସ୍ତର ଫାଇଟରର କନ୍‌ଷ୍ଟେବଲ କୁରେଠୀଙ୍କ ମୃତ୍ୟୁ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ମଧ୍ୟ ଜବତ ହୋଇଛି। ଏଥିସହ ଗୋଟିଏ ଏକେ ୪୭ ରାଇଫଲ ମଧ୍ୟ ଜବତ କରାଯାଇଥିବା ଆଇଜି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦି'କଉଡ଼ିର 'ରତ୍ନ'...

ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ଲୋକ ସଭା ପାଇଁ ଘୋଷିତ ଭାଜପାର ପ୍ରଥମ ତାଲିକାରେ ତାଙ୍କ ନାମ ରହିବା ଇତିହାସର ଗୋଟିଏ ଘଟଣାକୁ ସତ୍ୟ ପ୍ରମାଣିତ କରିଛି। ଗୁଜବ ହେଉଛି ଯେ, ଭାଜପାର ଜଣେ ଅତ୍ୟନ୍ତ ଶକ୍ତିଶାଳୀ ନେତା ପୂର୍ବରୁ ଯେତେବେଳେ ଛତିଶଗଡ଼ର ପ୍ରଭାରୀ ହୋଇଥିଲେ ସେତେବେଳେ ତାଙ୍କୁ ଅଗ୍ରୱାଲ ନିଜ ହାତରେ ପିଟି ପିଟି ଟେବୁଲ ତଳେ ପୂରାଇ ଦେଇଥିଲେ। ଏହି ଘଟଣା ଯେଉଁମାନେ ଜାଣନ୍ତି, ସେମାନେ ବୁଝିପାରୁଥିବେ ବ୍ରିଜ୍‌ମୋହନଙ୍କ ନାମ ଲୋକ ସଭା ତାଲିକାରେ ସାମିଲ କରିବା ପାଇଁ କିଏ ଦାୟୀ। ଏଭଳି ବାତାବରଣରେ ରାଜନେତାମାନଙ୍କ ପାଇଁ ମୁକ୍ତ ହୋଇ କାର୍ଯ୍ୟ କରିବା ସମ୍ଭବପର ହେଉ ନ ଥିବା ବୁଝାପଡୁଛି। କାରଣ କେବଳ ବିରୋଧୀ ନୁହେଁ, ଦଳ ଭିତରେ ଦ୍ୱନ୍ଦ୍ୱକୁ ସମାପ୍ତ କରିବା ଏବେ ହୋଇଛି ସବୁ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କସରତ।

### ବଢ଼ୁଛି ତାତି, ...

ଯୋଗୁଁ ହୋଇଥାଏ। ପ୍ରାକୃତିକ କାରଣଗୁଡ଼ିକ ହେଲା ବଜ୍ରପାତ, ପଥର ବା ବାଲିଗରଡା ଘଷି ହୋଇ ଅଗ୍ନିକଣା ବାହାରିବା, ଥୁଣ୍ଟା ଗଛ ଡାଳ ବା ବାଉଁଶ ପରସ୍ପର ଘଷି ହୋଇ ନିଆଁ ଝୁଲ ବାହାରିବା ଓ ଆଗ୍ନେୟଗିରି ଉଦ୍‌ଗିରଣ। ତେବେ ମନୁଷ୍ୟକୃତ କାରଣ ଇଚ୍ଛାକୃତ ଏବଂ ଦୁର୍ଘଟଣାଜନିତ ହୋଇଥାଏ। ଅନେକ ସମୟରେ ମଣିଷ ବିଭିନ୍ନ କାରଣ ପାଇଁ ଜଙ୍ଗଲରେ ନିଆଁ ଲଗାଇଦେଇଥାଏ। ପୋଡୁଚାଷ, କେନ୍ଦୁ ଗଛର ନୂଆ ପତ୍ର ପାଇଁ ନିଆଁ ଲଗାଇବା, ଘାସ ଓ ଜାଳେଣି, ଗାଁ ଲୋକଙ୍କ ଲାଗି ରାସ୍ତା ଫିଟାଇବା, ଜଙ୍ଗଲ ଜମି ଜବରଦଖଲ, ବେଆଇନ ଗଛ କଟାକୁ ଲୁଚେଇବା ଆଦି ସବୁ ଇଚ୍ଛାକୃତ ଅଗ୍ନିକାଣ୍ଡ। କିନ୍ତୁ ମହୁଲ ଆଦି ଅଣ କାଠ ଜାତୀୟ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ, ଜଙ୍ଗଲ ଭିତରେ ରୋଷେଇ ଓ ରାସ୍ତା କାମ ପାଇଁ ପିଚୁ ଗରମ କରିବାବେଳେ ନିଆଁ ଲାଗିବା ଆଦି ହେଉଛି ଦୁର୍ଘଟଣାଜନିତ ଅଗ୍ନିକାଣ୍ଡ। ତେବେ ଜଙ୍ଗଲ ନିଆଁର ମୋଟ ୯୦% କେବଳ ମନୁଷ୍ୟକୃତ ବୋଲି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନରୁ ଜଣାପଡ଼ିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଆଇ)ର ତଥ୍ୟାନୁସାରେ, ଗତବର୍ଷ ମାର୍ଚ୍ଚରେ କେବଳ ଓଡ଼ିଶାର ବିଭିନ୍ନ ଜଙ୍ଗଲ ଭିତରେ ୧୫,୧୫୫ ସ୍ଥାନରେ ନିଆଁ ଲାଗିଥିଲା। ସେଥିମଧ୍ୟରୁ ୬୪୨ଟି ସ୍ଥାନରେ ବଡ଼ ଧରଣର ନିଆଁ ଲାଗିଥିଲା, ଯାହାକୁ ନେଇ ବିଭାଗ ଚିନ୍ତାରେ ପଡ଼ିଯାଇଥିଲା। ତେଣୁ ଚଳିତବର୍ଷ ଏହାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ହୋଇଛି। ଜାନୁଆରୀରୁ ଜୁନ୍ ଭିତରେ ଜଙ୍ଗଲରେ ପ୍ରାୟତଃ ନିଆଁ ଲାଗିଥାଏ। କିନ୍ତୁ ମାର୍ଚ୍ଚରୁ ମେ'ରେ ଅଧିକ ନିଆଁ ଲାଗୁଥିବା ଦେଖାଯାଇଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ, ଆସନ୍ତା ୧୫ ତାରିଖରୁ ତାତି ଆହୁରି ଅସହ୍ୟ ହେବ। ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି। ଏପ୍ରିଲ ଓ ମେ'ରେ ପ୍ରଚଣ୍ଡ ଗ୍ରୀଷ୍ମ ସମଗ୍ର ରାଜ୍ୟକୁ ଉତ୍ତପ୍ତ କରି ରଖିବ। ଏହି ୨ ମାସରେ ତାପମାତ୍ରା ୪୦ରୁ ୪୫ ଡିଗ୍ରୀକୁ ଛୁଇଁପାରେ। ଆଉ କିଛି ସ୍ଥାନରେ ଏହାଠୁ ବି ଅଧିକ ରହିବ ବୋଲି କୁହାଯାଉଛି। ତେଣୁ ବନାଗ୍ନିକୁ ସଫଳ ଭାବେ ରୋକିବା ପାଇଁ ବନ ବିଭାଗ କେଉଁ କୌଶଳ ଆପଣାଉଛି ତାହା ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି।

### ଏଥର ଅଧିକ ସ୍କ୍ୱାଡ୍, ସବୁ ଅଭୟାରଣ୍ୟରେ ଫାୟାରମ୍ୟାନ୍ ସଜାଗ

ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ରାଜ୍ୟରେ ଜଙ୍ଗଲ ନିଆଁକୁ ଆମେ ମନିଟରିଂ କରୁଛୁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଫାୟାର ପଏଣ୍ଟ କମ୍ ରହିଛି। କାରଣ ପାଗ ଟିକେ ଭଲ ରହିଥିଲା। କିନ୍ତୁ ଆଗକୁ ଯଦିବି ଖରା ଅଧିକ ହେବ ତାକୁ ମୁକାବିଲା କରିବା ପାଇଁ ଆମେ ପ୍ରସ୍ତୁତ ହୋଇଛୁ। ସବୁ ଅଭୟାରଣ୍ୟରେ ଆମେ ଫାୟାରମ୍ୟାନ ନିୟୋଜିତ କରିଛୁ। ଗତବର୍ଷ ଅପେକ୍ଷା ଏଥର ଅଧିକ ସଂଖ୍ୟକ ସ୍କ୍ୱାଡ୍ କରିଛୁ। ଫଳରେ ମୁକାବିଲା କରିବାକୁ ସୁବିଧା ହେବ। ଗୋଟିଏ ସ୍କ୍ୱାଡ୍‌ରେ ପ୍ରାୟ ୧୦ଜଣ ଫାୟରମ୍ୟାନ ରଖାଯାଇଛି। ଶିମିଳିପାଳରେ ପୂର୍ବରୁ ଖବର ପାଇବା ପାଇଁ ବିଳମ୍ବ ହେଉଥିଲା। ମୋବାଇଲ ନେଟ୍‌ୱର୍କ ପ୍ରୋବ୍ଲେମ ଯୋଗୁ ପୂର୍ବରୁ ସାଟେଲାଇଟରୁ ଜଙ୍ଗଲ ନିଆଁର ଫଟୋ ଆସିଲେ ବି ଡାଉନଲୋଡ୍ କରିବାକୁ ଅସୁବିଧା ହୋଇଥିଲା। କିନ୍ତୁ ଏବେ ଭି-ସାଟ୍ ଲଗାଯାଇଛି। ଫଳରେ ଫଟୋ ଡାଉନଲୋଡ୍ କରିବା ସହିତ ଫାୟାର ପଏଣ୍ଟକୁ ଶୀଘ୍ର ଯାଇ ନିଆଁକୁ ଆୟତ୍ତ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଗତ ୩ ବର୍ଷ ତଳେ ଶିମିଳିପାଳରେ ବଡ଼ ଧରଣର ନିଆଁ ଲାଗିଥିଲା, ଯାହାକୁ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିଆଁ ଲାଗିବା ଖବର ବନ ବିଭାଗ ଠିକ୍ ସମୟରେ ପାଇପାରି ନ ଥିବାରୁ ନିଆଁ ଚାରିଆଡକୁ ବ୍ୟାପିଯାଇଥିଲା। ଖବର ପାଇ ମୁକାବିଲା ପାଇଁ ବନ ବିଭାଗ ତତ୍ପରତା ଦେଖାଇବାବେଳକୁ ହଜାର ହଜାର ହେକ୍ଟର ଜଙ୍ଗଲ ଜଳିଯାଇଥିଲା। ଏହାପରଠାରୁ ରାଜ୍ୟରେ ବନାଗ୍ନିକୁ ରୋକିବାକୁ ବନ ବିଭାଗ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା।

### ପରିବାରର ୩ଜଣଙ୍କ ...

ନେତୃତ୍ୱରେ ପୋଲିସ ଟିମ୍ ମାଜିଷ୍ଟ୍ରେଟ ତଥା ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ ଓ ମୃତ ଶ୍ରୀଦାମଙ୍କ ଭାଇ, ପରିବାର ଲୋକଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗାଯାଇଥିଲା। ଘରର ୨ଟି କବାଟ ତାଡିବା ପରେ ଗୋଟିଏ ଘରର ଖଟ ଉପରେ ପରିକ୍ଷିତଙ୍କ ମୃତଦେହ କମ୍ବଳ ଘୋଡା ଅବସ୍ଥାରେ ପଡିଥିବା ବେଳେ ଅନ୍ୟଏକ ଘରେ ଜୟନ୍ତୀଙ୍କ ମୃତଦେହ ଚଟାଣରେ ପଡିଥିଲା । ସାଇଣ୍ଟିଫିକ ଟିମ ବିଭିନ୍ନ ଦିଗ ଉପରେ ତଦନ୍ତକୁ ଜୋରଦାର କରିଛି । ପୋଲିସ ଜୟନ୍ତୀ ଓ ପରିକ୍ଷିତଙ୍କ ମୃତଦେହକୁ ବାହାରକୁ ଆଣି ମୃତକଙ୍କ ଶରୀରରେ କେଉଁଠି କିଛି ଚିହ୍ନ ଅଛି କି ନାହିଁ ତାକୁ ଦେଖିବା ସହ ମୃତ୍ୟୁର କାରଣ ଖୋଜିବା ଆରମ୍ଭ କରିଛି ।

ଶ୍ରୀଦାମ ଓ ତାଙ୍କ ପରିବାର ଲୋକେ ଅତ୍ୟନ୍ତ ନିରୀହ ସ୍ୱଭାବର ଥିଲେ। ତାଙ୍କର କାହା ସହିତ ବିବାଦ ନ ଥିଲା ବୋଲି ଗ୍ରାମବାସୀ କହିଛନ୍ତି । ଏପରିସ୍ଥଳେ ୩ଜଣ କାହିଁକି ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଲେ ନା ସେମାନଙ୍କୁ କେହି ହତ୍ୟା କରିଛନ୍ତି ସେ ନେଇ ସନ୍ଦେହ ବଢିବାରେ ଲାଗିଛି। ତାଙ୍କ ପରିବାର ଲୋକେ ଏ ସଂକ୍ରାନ୍ତରେ କେହି କିଛିକହୁ ନାହାନ୍ତି । ତେବେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଶ୍ରୀଦାମ ଘରେ ଛେଳି, କୁକୁଡା, ଗାଈ ରଖିବା ସହ ମୂଲଲାଗି ପରିବାର ଚଳାନ୍ତି । ବଡପୁଅ ପରିକ୍ଷିତ ଜନ୍ମରୁ କଥା କହି ପାରୁ ନ ଥିବା ବେଳେ ସେ ମାନସିକ ବିକାରଗ୍ରସ୍ତ । ସାନପୁଅ ଗୌରହରି (୨୩) ତାଳଚୁଆ ବଜାରରେ ତେଜରାତି ଦୋକାନ କରିଥିଲେ। ବ୍ୟବସାୟରେ କ୍ଷତି ହେବା ପରେ ସେ ଦୋକାନ ଭାଙ୍ଗିଦେଇ ତାଙ୍କ ମାମୁ ପାଖରେ ପାରାଦୀପରେ ରହି କାମ କରୁଛନ୍ତି। ଶ୍ରୀଦାମ ଗତ ୪ମାସ ତଳେ ଘରର ଛାତ ପକାଇ ସେହି ଘରେ ରହୁଥିଲେ। ତାଙ୍କ ସାନଭାଇ ସୁଦାମଙ୍କ କହିବା କଥା କାଲି ୯ଟା ବେଳେ ସେ ଟ୍ରଲରରୁ ଫେରି ଘରେ ଖାଇ ପିଇ ଶୋଇଥିଲେ । ଭାଇ ଓ ଭାଉଜ ସବୁଦିନ ରାତି ୧୦ରୁ ୧୧ଟା ଭିତରେ ଖାଇ ପିଇ ଶୁଅନ୍ତି। ଆମଘର ତାଙ୍କ ଘର ମଝିରେ ଅନ୍ୟ ଏକ ଭାଇର ବନ୍ଦ ଘର ରହିଛି। ରବିବାର ସକାଳୁ ଘଟଣା ସମ୍ପର୍କରେ ଜାଣିଲି ବୋଲି ସେ କହିଛନ୍ତି। ଶ୍ରୀଦାମଙ୍କ ସାନପୁଅ ଗୌରହରି ପାରାଦୀପରୁ ଫେରିବା ପରେ କହିଛନ୍ତି, ମୁଁ ମା'ଙ୍କ ସହିତ ୩ଦିନ ତଳେ କଥା ହୋଇଥିଲି। କାହିଁକି ବାପ ମା' ଓ ଭାଇ ତାଙ୍କୁ ଅନାଥ କରି ଚାଲିଗଲେ, ସେ ବିଷୟରେ ସେ କିଛି ଜାଣିନାହାନ୍ତି । ପୋଲିସ ତଦନ୍ତରୁ ସବୁକିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

### ଭାଜପା ଟିକେଟ ...

କେତେକ କାରଣରୁ ସେ ଆସାନସୋଲ ଆସନରୁ ନିର୍ବାଚନ ଲଢ଼ିବାକୁ ଅସମର୍ଥ ବୋଲି ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଜଣାଇଛନ୍ତି। ଏହାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭାଜପାକୁ ପରିହାସ କରିଛି। ଲୋକ ସଭା ନିର୍ବାଚନ ଘୋଷଣା ହେବା ପୂର୍ବରୁ ଭାଜପା ପଶ୍ଚିମବଙ୍ଗର ୪୨ ଆସନରୁ ଗୋଟିଏରେ ଆତ୍ମସମର୍ପଣ କରିଥିବା ଟିଏମ୍‌ସି ମୁଖପାତ୍ର ସାକେତ ଗୋଖଲେ କହିଛନ୍ତି। ଖେଳ ଆରମ୍ଭ ହେବା ପୂର୍ବରୁ ଖେଳ ହୋଇଗଲା ବୋଲି ଟିଏମ୍‌ସି କହିଛି। ପଓ୍ୱନଙ୍କୁ ପ୍ରାର୍ଥୀ କରାଯିବା ପରେ ଟିଏମ୍‌ସି ଭାଜପାକୁ ଟାର୍ଗେଟ କରିବା ଆରମ୍ଭ କରିଥିଲା। ବିହାର ବାସିନ୍ଦା ପଓ୍ୱନଙ୍କୁ ପଶ୍ଚିମବଙ୍ଗରୁ ପ୍ରାର୍ଥୀ କରାଯିବା ନେଇ ବିବାଦ ଦେଖାଦେଇଥିଲା। ଅନେକ ଗୀତରେ ସେ ବଙ୍ଗାଳୀ ମହିଳାଙ୍କ ପ୍ରତି ଆପତ୍ତିଜନକ ଆକ୍ଷେପ କରିଥିବାରୁ ଅନେକେ ପ୍ରଶ୍ନ ଉଠାଇଥିଲେ। ସୋସିଆଲ ମିଡିଆରେ ଏହାକୁ ନେଇ ଚର୍ଚ୍ଚା ହେବା ପରେ ପଓ୍ୱନଙ୍କୁ ପ୍ରାର୍ଥୀ କରିବା ଆସାନସୋଲରେ ଦଳ ପାଇଁ କ୍ଷତି ପହଞ୍ଚାଇପାରେ ବୋଲି ଦଳ ଆଶଙ୍କା କରିଥିବା ଏକ ସୂତ୍ରରୁ କୁହାଯାଇଛି। ସେଥିପାଇଁ ପଓ୍ୱନଙ୍କୁ ପ୍ରାର୍ଥୀ ତାଲିକାରୁ ହଟାଇବା ପାଇଁ ଭାଜପା ନିଷ୍ପତ୍ତି ନେବା ସହ ଏ ସମ୍ପର୍କରେ ତାଙ୍କୁ ଜଣାଇଦେଇଥିଲା। ତଦନୁଯାୟୀ ପଓ୍ୱନ ନିଜଆଡୁ ଓହରିଗଲେ ବୋଲି କୁହାଯାଉଛି।

### ନିର୍ମାଣ ଶ୍ରମିକଙ୍କ ପେନ୍‌ସନ ...

ଏ ବାବଦରେ ଆବଶ୍ୟକ ଖର୍ଚ୍ଚ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବହନ କରିବ। ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ନିର୍ମାଣ ଶ୍ରମିକ ଓ ସେମାନଙ୍କ ପ୍ରତିନିଧିମାନେ ଏଥିପାଇଁ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

### ସଂଶୋଧନ ହେଲା ...

ଭାବେ ନିଯୁକ୍ତି ଦେଇଛନ୍ତି। ଆଇନକୁ କାର୍ଯ୍ୟକାରୀ କରିବା କିମ୍ବା କୌଣସି ସମସ୍ୟା ଦେଖାଦେଲେ ଉକ୍ତ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇ ପାରିବ। ଏ ନେଇ ୨୦୨୪ ଫେବୃୟାରୀ ୧୬ ତାରିଖରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆପାର୍ଟମେଣ୍ଟ ମାଲିକ ସଂଘର ବାଇ-ଲ' ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ। ତେବେ ବାଇ-ଲ'କୁ ସଂଘ ମନଇଚ୍ଛା ବଦଳାଇପାରିବେ ନାହିଁ। ସେଥିପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବ। ନୂଆ ବ୍ୟବସ୍ଥା ଅନୁଯାୟୀ, ବିଲ୍‌ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି।

### ଶ୍ରୀମନ୍ଦିରରେ ପଶିଲେ ...

ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର କହିଛନ୍ତି, ବଜରଙ୍ଗ ଦଳର କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ, ଅନ୍ୟ ଧର୍ମର କେତେଜଣ ଲୋକ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଛନ୍ତି। ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସେଠାରେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିଆଣି ଥାନାରେ ଅଟକ ରଖିଛନ୍ତି। ସିସିଟିଭି ଫୁଟେଜ ଓ ସେମାନଙ୍କ ପାସପୋର୍ଟ ଯାଞ୍ଚ କରାଯିବା ସହ ଘଟଣାର ତଦନ୍ତ ଚାଲିଛି। ସେମାନେ ପୁରୀ ଆସି କେଉଁଠାରେ ରହିଛନ୍ତି ସେନେଇ ସେମାନଙ୍କୁ ପଚରାଉଚରା କରାଯାଉଛି। ଯଦି ଘଟଣା ସତ୍ୟ ହୋଇଥାଏ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଶ୍ରୀମନ୍ଦିରରେ କାମିଆ ଜାନିଙ୍କ ପ୍ରବେଶକୁ ନେଇ ରାଜ୍ୟରେ ଚର୍ଚ୍ଚା ଓ ହଟଚମଟ ଦେଖିବାକୁ ମିଳିଥିଲା।

